

Odia Daily

www.theutkalsamachar.com

ଉତ୍କଳ ସମାଚାର

ସର୍ବାଧୁନିକ ଚେତନାର ପ୍ରଜ୍ଞାପତ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:189+ 5 November 2026 (Thursday)+ Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୧୮୯+ ୫ ନଭେମ୍ବର ୨୦୨୬ (ଗୁରୁବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଅଗ୍ନିବୀରଙ୍କୁ ମୋଦୀ ସରକାରଙ୍କ ଦୀପାବଳି ଉପହାର :

୨୫% ନିୟମିତ ସୈନିକ, ୭୫%ଙ୍କ ବଢ଼ିଲା ଚାକିରି ଅବଧି



ନୂଆଦିଲ୍ଲୀ,୪/୧୧ :ଅଗ୍ନିବୀରଙ୍କୁ ନରେନ୍ଦ୍ର ମୋଦି ସରକାର ଦେଇଛନ୍ତି ଦୀପାବଳି ଉପହାର। ସରକାର ଅଗ୍ନିବୀରଙ୍କ କାର୍ଯ୍ୟକାଳକୁ ଆଉ ୨ ବର୍ଷ ବୃଦ୍ଧି କରିଥିବାର କରିଛନ୍ତି ବଡ଼ ଘୋଷଣା। ଏହାଦ୍ୱାରା ଅଗ୍ନିବୀରମାନେ ସଶସ୍ତ୍ର ବାହିନୀରେ ଅଧିକ ସମୟ ସେବା କରିବା ସହ ନିୟମିତ ସେନାରେ ସାମିଲ ହେବାର ସୁଯୋଗ ମଧ୍ୟ ପାଇପାରିବେ। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ଉଇଏ) ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣି ବୁଧବାର ଏହି ଏହି ବଡ଼ ଘୋଷଣା କରିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଅଗ୍ନିବୀରଙ୍କୁ ଅତିରିକ୍ତ ୨ ବର୍ଷର ଏନଗେଜମେଣ୍ଟ ପିରିୟଡ୍ ମିଳିବ। ଏହି ସମୟସୀମା ଶେଷ ହେବା ପରେ ଯୋଗ୍ୟ ଓ ଆଗ୍ରହୀ ଅଗ୍ନିବୀରଙ୍କୁ ନିର୍ଦ୍ଧାରିତ ଚୟନ ପ୍ରକ୍ରିୟା ଆଧାରରେ ସେନାରେ ନିୟମିତ ଭାବେ ନିଯୁକ୍ତି ମିଳିବାର ସୁଯୋଗ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଗ୍ନିବୀରଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି, ଯେତେବେଳେ ପ୍ରାୟ ୧୮୦୦୦ ଅଗ୍ନିବୀର ନିଜର କାର୍ଯ୍ୟକାଳ ଶେଷ କରି ସେବାରୁ ଅବସର ନେବାକୁ ଯାଉଥିଲେ।ଉଇଏ ଜେନେରାଲ ରାଜା ସୁବ୍ରମଣି କହିଛନ୍ତି ଯେ, ସମସ୍ତ ଅଗ୍ନିବୀରଙ୍କୁ ସଶସ୍ତ୍ର ବାହିନୀରେ ନିଜର ସେବା ଜାରି ରଖିବାର ସୁଯୋଗ ଦିଆଯିବ। ତେବେ ଏହା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ମୂଲ୍ୟାଙ୍କନ ଉପରେ ନିର୍ଭର କରିବ। ସିଡିଏସ୍ କହିଛନ୍ତି, ଆଜିର ଦିନ ଭାରତୀୟ ପ୍ରତିରକ୍ଷା ବଳ ଓ ଆମର ଅଗ୍ନିବୀରଙ୍କ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। କ୍ୟାବିନେଟ ସମସ୍ତ ଅଗ୍ନିବୀରଙ୍କୁ ଭାରତୀୟ ପ୍ରତିରକ୍ଷା ବାହିନୀରେ ଯୋଗଦେବା ପାଇଁ ପଥ ଖୋଲି ଦେଇଛି। ୧୪ ଜୁନ୍ ୨୦୨୨ ରେ ଆରମ୍ଭ ହୋଇଥିଲା ଅଗ୍ନିପଥ ଯୋଜନା। ଏହି ଯୋଜନା ଅନୁଯାୟୀ ଅଗ୍ନିବୀରମାନଙ୍କୁ ଚାରି ବର୍ଷ ପାଇଁ ସେନାରେ ନିଯୁକ୍ତି ଦିଆଯାଇଥିଲା। ଚାରି ବର୍ଷ ପରେ ସେମାନଙ୍କ ମଧ୍ୟରୁ ମେଧା ଓ ଯୋଗ୍ୟତା ଆଧାରରେ ୨୫ ପ୍ରତିଶତଙ୍କୁ ନିୟମିତ ସେନାରେ ରଖିବାର ବ୍ୟବସ୍ଥା ରହିଥିଲା।

ପାହାଡ଼ ପାଖରେ ଥିବା ଲୋକ ହେବେ ସ୍ଥାନାନ୍ତର



ଭୁବନେଶ୍ୱର,୪/୧୧(ନି/ପ୍) :ଗିଡ଼ିପାବାଲି ଭୂସ୍ଖଳନ ପରେ ଆକ୍ସନ ମୋଡ଼ରେ ରାଜ୍ୟ ସରକାର। ପାହାଡ଼ ଉପରେ ଏବଂ ତଳେ ଥିବା ଲୋକଙ୍କ ସ୍ଥାନାନ୍ତରିତ ପାଇଁ ନିଷ୍ପତ୍ତି। ଭୂସ୍ଖଳନ ମୃତାହତ ରୋକିବାକୁ ସରକାରଙ୍କ ବଡ଼ ପ୍ଲାନ। ପାହାଡ଼ ଉପରେ ଏବଂ ତଳେ ଥିବା ଲୋକଙ୍କୁ ଜରାୟିବ ସ୍ଥାନାନ୍ତରିତ। ଏନେଇ ସୂଚନା ଦେଇଛନ୍ତି ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଭୂସ୍ଖଳନ ଆଶଙ୍କା ଥିବା ଅଂଚଳରେ ରହୁଥିବା ଲୋକଙ୍କୁ ଚିହ୍ନଟ ପାଇଁ ସର୍ଭେ ଆରମ୍ଭ। ସମସ୍ୟାର ସମାଧାନ ପାଇଁ ଉତର-ପୂର୍ବ ରାଜ୍ୟକୁ ଯାଇଥିଲେ ଅଧିକାରୀ ଟିମ। ଜଜ୍ଜମାଳ ଏବଂ ଗଜପତି ଜିଲ୍ଲାରେ ଶହ ଶହ ପାହାଡ଼ ଅଛି। ଅନେକ ଭୂସ୍ଖଳନ ପଏଣ୍ଟ ରହିଛି। ସେସବୁ ସ୍ଥାନରେ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ। ତଳେ ଥିବା ଗାଁରେ ନୂଆ ବସ୍ତି ଏବଂ ଘର କରି ଯୋଗାଇ ଦେବେ ସରକାର। କେତେ ଲୋକ ପାହାଡ଼ ଉପରେ ଏବଂ ତଳେ ରହିଛନ୍ତି ତାର ସର୍ଭେ ଆରମ୍ଭ ହୋଇଛି। ଉତର ପୂର୍ବ ରାଜ୍ୟକୁ ଆମ ଅଧିକାରୀ ମାନେ ଯାଇଥିଲେ। ଜନ ବସତି ଚିହ୍ନଟ ହେବା ପରେ ସେମାନଙ୍କୁ ସ୍ଥାନାନ୍ତରିତ ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

ମୋ ନାମ ଯଦି ବାଲଟ୍‌ରେ ଥାଆନ୍ତା, ତେବେ ଆମେ ଜବରଦସ୍ତ ବିଜୟ ହାସଲ କରିଥାନ୍ତୁ: ଟ୍ରମ୍ପ



ୱାଶିଂଟନ,୪/୧୧: ସବୁତେବେଳେ ନିଜକୁ ଶ୍ରେୟ ଦେଉଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୬ ମଧ୍ୟବର୍ତୀକାଳୀନ ନିର୍ବାଚନରେ ରିପବ୍ଲିକାନ ପାର୍ଟିର ପରାଜୟ ପାଇଁ ବାଲଟ୍ ପେପରରେ ତାଙ୍କର ଅନୁପସ୍ଥିତିକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ, ଯଦି ମୁଁ ନିର୍ବାଚନ ଲଢ଼ିଥାନ୍ତି ତେବେ ଦଳ ଏକ ବଡ଼ ବିଜୟ ହାସଲ କରିଥାନ୍ତା। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ସେତେବେଳେ ଆସିଛି ଯେତେବେଳେ ଡେମୋକ୍ରାଟମାନେ ଟେକ୍ସାସ, ଉତର କାରୋଲିନା, ଦକ୍ଷିଣ କାରୋଲିନା ଏବଂ ଓହାଓରେ ଆମେରିକା ସିନେଟ୍‌ରେ ନିଜର ପଡିଆର ଜାହିର କରିଛନ୍ତି। ସେସବୁ ଅଂଚଳରେ ଟ୍ରମ୍ପ ଭୋଟରମାନଙ୍କୁ ପ୍ରଚାର କରି ଭୋଟରମାନଙ୍କୁ ହାତେଇବାକୁ ପ୍ରୟାସ କରିଥିଲେ।ମୁଁ ନିର୍ବାଚନ ମଇଦାନରେ ନଥିଲି, ଏବଂ ଯଦି ମୁଁ ଥାଆନ୍ତି, ତେବେ ଆମେ ବିପୁଳ ମତରେ ଜିତିଥାନ୍ତୁ ବୋଲି ସେ ତାଙ୍କ ଟ୍ରୁଥ୍ ସୋସିଆଲ ପ୍ଲାଟଫର୍ମରେ ଏକ ପୋଷ୍ଟରେ କହିଛନ୍ତି। ନ୍ୟୁୟର୍କ ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ, ଟ୍ରମ୍ପ କହିଛନ୍ତି ଯେ ସେ ମଧ୍ୟବର୍ତୀକାଳୀନ ନିର୍ବାଚନର ଫଳାଫଳକୁ ଗ୍ରହଣ କରିଛନ୍ତି ଏବଂ ଡେମୋକ୍ରାଟଙ୍କ ସହ ଜାମ କରିବାକୁ ପ୍ରସ୍ତୁତ। ଆମେରିକା ସିନେଟ୍‌ରେ ଡେମୋକ୍ରାଟମାନେ ବିଜୟୀ ହୋଇଛନ୍ତି। ୨୦୨୬ ମଧ୍ୟବର୍ତୀକାଳୀନ ନିର୍ବାଚନରେ ଡେମୋକ୍ରାଟମାନେ ଆମେରିକୀୟ ସିନେଟର ନିୟନ୍ତ୍ରଣ ପୁନଃ ହାସଲ କରିଛନ୍ତି। ଏହା ରିପବ୍ଲିକାନମାନଙ୍କ ପାଇଁ ଏକ ବଡ଼ ବିପର୍ଯ୍ୟୟ। ଏହା ଦ୍ୱାରା ରାଷ୍ଟ୍ରପତି ଟ୍ରମ୍ପଙ୍କ ପରବର୍ତୀ ଦୁଇବର୍ଷ କାର୍ଯ୍ୟକାଳରେ ଶାସକ ଦଳର ଏଜେଣ୍ଡାକୁ ରୋକିବା ପାଇଁ ବିରୋଧୀ ଦଳ ପ୍ରମୁଖ ଭୂମିକା ଗ୍ରହଣ କରିବ। ନିର୍ବାଚନ ଫଳାଫଳ ବୃଦ୍ଧି ପାଇଥିବା ମୂଲ୍ୟବୃଦ୍ଧି, ଉତ୍ତରାଞ୍ଚଳରେ ଯୁଦ୍ଧ ଏବଂ ସରକାରୀ ଦୁର୍ନୀତି ସମ୍ପର୍କରେ ଚିନ୍ତାକୁ ନେଇ ଭୋଟରଙ୍କ ହତାଶାକୁ ପ୍ରତିଫଳିତ କରିଛି।

ଆମେରିକାର ମଧ୍ୟବର୍ତୀକାଳୀନ ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ଦବଦବା



ୱାଶିଂଟନ,୪/୧୧: ନଭେମ୍ବର ୩ ତାରିଖରେ ଆମେରିକାରେ ଅନୁଷ୍ଠିତ ମଧ୍ୟବର୍ତୀକାଳୀନ ନିର୍ବାଚନରେ ଅନେକ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କେତେକ ଜିତିଥିଲେ, ଅନ୍ୟମାନେ ହାରିଯାଇଥିଲେ। ଓହାଇଓର ରାଜ୍ୟପାଳ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରିପବ୍ଲିକାନ୍ ପ୍ରାର୍ଥୀ ବିବେକ ରାମାସ୍ୱାମୀ ହାରିଯାଇଥିଲେ। ସୁହାସ ସୁବ୍ରମଣ୍ୟମ ଏବଂ ପିୟା ଜାଣ୍ଡିଆଙ୍କ ପରି ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ବିଜୟୀ ହୋଇଥିଲେ। ମେରିଲ୍ୟାଣ୍ଡ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଅରୁଣା ମିଲର ମଧ୍ୟ ପୁନଃନିର୍ବାଚନ ହାସଲ କରିଥିଲେ। ଏହି ନିର୍ବାଚନରେ ଆମେରିକା ସଂସଦର ନିମ୍ନ ସଦନ ପ୍ରତିନିଧି ସଭାର ସମସ୍ତ ୪୩୫ ଆସନ ଏବଂ ସେନେଟର ୧୦୦ ଆସନ ମଧ୍ୟରୁ ୩୭ ଆସନ ପାଇଁ ଭୋଟ୍ ହୋଇଥିଲା। ଏହା ସହିତ, ୩୬ଟି ରାଜ୍ୟରେ ରାଜ୍ୟପାଳ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଫଳାଫଳ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳର ବାକି ଦୁଇ ବର୍ଷର ରାଜନୈତିକ ଦୃଶ୍ୟପଟକୁ ପ୍ରଭାବିତ କରିବ। ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ପ୍ରାର୍ଥୀ ବିବେକ ରାମାସ୍ୱାମୀ ଓହାଇଓର ରାଜ୍ୟପାଳ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ପାଇଥିଲେ। ଏହା ସତ୍ତ୍ୱେ, ସେ ଡେମୋକ୍ରାଟିକ୍ ପ୍ରାର୍ଥୀ ଏମି ଆକ୍ରନଙ୍କଠାରୁ ପରାସ୍ତ ହୋଇଥିଲେ। ଏକ ରିପୋର୍ଟ ଅନୁଯାୟୀ, ଆକ୍ରନ ୨୦୦,୦୦୦ରୁ ଅଧିକ ଭୋଟରେ ରାମାସ୍ୱାମୀଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସତ୍ତ୍ୱେ, ଏମି ଆକ୍ରନ ୨୦୦୬ ପରେ ଓହାଇଓର ରାଜନୈତିକ ଦୃଶ୍ୟପଟକୁ ପ୍ରଭାବିତ କରିବ। ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ପ୍ରାର୍ଥୀ ବିବେକ ହେଇଥିଲେ। ଜର୍ଜିଆର ୧୦ତମ କଂଗ୍ରେସିଆଲ୍ ଜିଲ୍ଲାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁହାସ ସୁବ୍ରମଣ୍ୟମ ପୁନଃନିର୍ବାଚନରେ ବିଜୟୀ ହୋଇଥିଲେ। ୪୦ ବର୍ଷୀୟ ଏହି ବ୍ୟକ୍ତି ୬୧ ପ୍ରତିଶତରୁ ଅଧିକ ଭୋଟ ପାଇଥିଲେ, ଯେତେବେଳେ ତାଙ୍କ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ, ଡେଭ୍ ୱେଣ୍ଟ୍ ପ୍ରାୟ ୩୬ ପ୍ରତିଶତ ପାଇଥିଲେ। ସୁହାସ ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ହ୍ୱାଇଟ୍ ହାଉସରେ ପ୍ରଯୁକ୍ତିବିଦ୍ୟା ନୀତି ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ।

ବିଧାନସଭା ନିର୍ବାଚନ ପାଇଁ ହାତ ମିଳାଇବେ ବିଜେପି-ଶିରୋମଣି ଅକାଳୀ ଦଳ



ସିଏମ୍ ଫେସ୍ ବି ଫାଇନାଲ !

ଚଣ୍ଡିଗଢ,୪/୧୧ :ପଞ୍ଜାବ ରାଜନୀତିରେ ପୁଣି ଏକ ବଡ଼ ରାଜନୈତିକ ପରିବର୍ତନ ହେବାକୁ ଯାଉଛି। ପୁରୁଣା କଟ୍ଟରତ୍ୱର ରଙ୍ଗ ହେବ ଆହୁରି ଗାଢ଼। ୨୦୨୭ ବିଧାନସଭା ନିର୍ବାଚନ ପାଇଁ ଶିରୋମଣି ଅକାଳୀ ଦଳ ଓ ବିଜେପି ପୁଣି ଥରେ ହାତ ମିଳାଇପାରନ୍ତି ବୋଲି ବଢିଲା ଚର୍ଚ୍ଚା। ଉଭୟ ଦଳ ମଧ୍ୟରେ ମେଂଟ ଓ ଆସନ ବଣ୍ଟନ ନେଇ ଆଲୋଚନା ଚାଲିଥିବା ଦାବି କରାଯାଇଛି। ତେବେ ଏପର୍ଯ୍ୟନ୍ତ ମେଂଟକୁ ନେଇ କୌଣସି ଆନୁଷ୍ଠାନିକ ଘୋଷଣା ହୋଇନାହିଁ। ମେଂଟ ସ୍ପଷ୍ଟ ହେଲେ ପଞ୍ଜାବରେ ସରକାର ଗଠନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ପଦ ଅକାଳୀ ଦଳ ପାଖରେ ରହିବାର ସର୍ତ୍ତ ରହିଛି। ଆସନ ବଣ୍ଟନରେ ମଧ୍ୟ ଆଲୋଚନା ଚାଲିଛି।ଏହି ଚର୍ଚ୍ଚା ଅନୁସାରେ, ବିଜେପି ଏଥର ୩୩ରୁ ୪୦ଟି ଆସନରେ ପ୍ରାର୍ଥୀ ଦେଇପାରେ। ଅନ୍ୟପଟେ, ଅବଶିଷ୍ଟ ୬୭ଟି ଆସନରେ ଅକାଳୀ ଦଳ ନିର୍ବାଚନ ଲଢ଼ିପାରେ। ୧୯୯୬ରୁ ୨୦୧୭ ପର୍ଯ୍ୟନ୍ତ ମେଂଟ ସମୟରେ ବିଜେପି ମାତ୍ର ୩ଟି ଆସନରେ ଲଢୁଥିଲା। କିନ୍ତୁ ଏଥର ବିଜେପି ଅଧିକ ଆସନ ଦାବି କରିଛି। ସୂତ୍ରକୁ ଆଧାର କରି ରିପୋର୍ଟରେ କୁହାଯାଇଛି ଯେ, ଦୀପାବଳି ପରେ ମେଂଟ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ହୋଇପାରେ। ଏଥିପାଇଁ ଚଣ୍ଡିଗଢରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବଡ଼ ରାଲି କରିପାରନ୍ତି। ଏହି ମଂଚରେ ଉଭୟ ଦଳର ବରିଷ୍ଠ ନେତା ଏକାଠି ହେବାର ସମ୍ଭାବନା ରହିଛି। କିଛି ଦିନ ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୦୨୭ରେ ପଞ୍ଜାବରେ ଘରଉ ସରକାର ଗଠନ କରିବେ ବୋଲି ଦାବି କରିଥିଲେ। ଏହା ପରେ ଅକାଳୀ ଦଳ ଓ ବିଜେପି ମଧ୍ୟରେ ମେଂଟ ଚର୍ଚ୍ଚା ଆହୁରି ଜୋର ଧରିଛି। ଅକାଳୀ ଦଳରୁ ଅଲଗା ହୋଇଥିବା ବିଦ୍ରୋହୀ ଗୋଷ୍ଠୀ, ସେପରିକି ଅକାଳୀ ଦଳ ପୁନର୍ଗୁରିଛିତ, ମଧ୍ୟ ଏହି ମେଂଟରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ସେମାନଙ୍କ ପାଇଁ ଏହି ମେଂଟରେ ସ୍ଥାନ ମିଳିବା ଜଟ୍ଟିଳ ହୋଇପାରେ। ରିପୋର୍ଟ ଅନୁସାରେ, ଏହି ଗୋଷ୍ଠୀ ଏପର୍ଯ୍ୟନ୍ତ ଏକ ପଞ୍ଜୀକୃତ ରାଜନୈତିକ ଦଳ ହୋଇପାରିନାହିଁ। ସେଣ୍ଟୁ ନିର୍ବାଚନ ଲଢ଼ିବା ପାଇଁ ସେମାନଙ୍କୁ ବିଜେପି କିମ୍ବା ଅକାଳୀ ଦଳର ନିର୍ବାଚନୀ ଚିହ୍ନ ଉପରେ ନିର୍ଭର କରିବାକୁ ପଡ଼ିପାରେ। ମେଂଟ ହେଲେ ଅକାଳୀ ଦଳକୁ ଛେଡ଼ିରେ ମନ୍ତ୍ରୀ ପଦ ନିଜିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ସୁଖବୀର ସିଂହ ବାଦଲଙ୍କ ପତ୍ନୀ ହରସିମରତ କୌର ବାଦଲ ପୁଣି ଥରେ ମୋଦୀ କ୍ୟାବିନେଟ୍‌ରେ ସାମିଲ ହୋଇପାରନ୍ତି ବୋଲି ରିପୋର୍ଟରେ ଦାବି କରାଯାଇଛି। ରବନୀତ ବିଟ୍ଟୁଙ୍କ ହଟିବା ପରେ ଛେଡ଼ରେ ପଞ୍ଜାବର ପ୍ରତିନିଧିତ୍ୱ ନଥିବା କଥାକୁ ଦର୍ଶାଇ ଏହି ସମ୍ଭାବନା ଉପରେ ଚର୍ଚ୍ଚା ହେଉଛି। ତେବେ ହରସିମରତଙ୍କ କ୍ୟାବିନେଟ୍ରୁ ଫେରିବା ନେଇ କୌଣସି ଆଧିକାରିକ ସୂଚନା ମିଳିନାହିଁ।ଅକାଳୀ ଦଳ ମୁଖ୍ୟ ସୁଖବୀର ସିଂହ ବାଦଲ ମଧ୍ୟ ବିଜେପି ସହ ମେଂଟ ସମ୍ଭାବନାକୁ ବିଧାନଢଙ୍କ ଖାରଜ କରିନାହାନ୍ତି। ନିକଟରେ ସେ କହିଥିଲେ ଯେ କଂଗ୍ରେସ ଓ ଆମ ଆଦମୀ ପାର୍ଟି ତାଙ୍କ ଦଳର ସବୁଠାରୁ ବଡ଼ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ।

ଟ୍ରେନ୍ ଦୁର୍ଘଟଣାରେ ୬୯ ଜଣଙ୍କ ମୃତ୍ୟୁ ଘଟଣା :

ସ୍ୱେନର ପରିବହନ ମନ୍ତ୍ରୀଙ୍କ ଇସ୍ତଫା



ମାଡ୍ରିଦ,୪/୧୧ :ସ୍ପେନର ପରିବହନ ମନ୍ତ୍ରୀ ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି। ମାଡ୍ରିଦର ଦକ୍ଷିଣରେ ଏକ ହାଇ-ସ୍ପିଡ୍ ଟ୍ରେନ୍ ଦୁର୍ଘଟଣାର ଛଅ ଦିନ ପରେ ସେ ନିଜକୁ ଉତରଦାୟୀ କରି ମଙ୍ଗଳବାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଦୁର୍ଘଟଣାରେ ୬୯ ଜଣଙ୍କର ମୃତ୍ୟୁ ଘଟିଥିବା ସମୟ ମଧ୍ୟରେ ଦୁଇଟି ଦୁର୍ଘଟଣା ପରେ କୌଣସି ପରିବହନ ମନ୍ତ୍ରୀ ପଦବୀରେ ରହିପାରିବେ ନାହିଁ। ଏହା ରାଜନୈତିକ ମର୍ଯ୍ୟାଦା ଏବଂ ପାଟିତକ ପ୍ରତି ସହାନୁଭୂତିର ପ୍ରଶ୍ନ ବୋଲି ଅଦ୍ଧାର ପୁଏଣ୍ଟେ ସଂସଦକୁ କହିଥିଲେ। ଅକ୍ଟୋବର ୨୮ ତାରିଖରେ ଦୁର୍ଘଟଣା ଘଟିଥିଲା। ଏକ ଦ୍ରୁତଗାମୀ ଟ୍ରେନ୍ ଟ୍ରାକରେ ଠିଆ ହୋଇଥିବା ଅନ୍ୟ ଏକ ଟ୍ରେନ୍ ସହିତ ଧକ୍କା ଦେଇଥିଲା। ମାଡ୍ରିଡ୍-ସେଭିଲ୍ ଲାଇନରେ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ବ୍ୟବସ୍ଥା ବିଫଳ ହେବା ଯୋଗୁଁ ଦୁର୍ଘଟଣା ହୋଇଥିଲା। ତଦ୍ଦିନ ବର୍ଷ ମାଡ୍ରିଦ-ସେଭିଲ୍ ରେଳ ଲାଇନରେ ଏହା ଦ୍ୱିତୀୟ ବଡ଼ ଦୁର୍ଘଟଣା ଥିଲା। ଜାନୁଆରି ମାସର ପ୍ରାରମ୍ଭରେ, ସମାନ ରୁଟ୍‌ରେ ଦକ୍ଷିଣ ଦିଗକୁ ଯାତ୍ରା କରୁଥିବା ଏକ ଟ୍ରେନ୍ ଦୁଇ ଘଣ୍ଟାରୁ ଅଧିକ ସମୟ ପରେ ଲାଇନଚ୍ୟୁତ ହୋଇଥିଲା ଏବଂ ବିପରୀତ ଦିଗରେ ଯାତ୍ରା କରୁଥିବା ଅନ୍ୟ ଏକ ଟ୍ରେନ୍ ସହିତ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୪୬ ଜଣଙ୍କ ଜୀବନ ଯାଇଥିଲା। ସେହି ଦୁର୍ଘଟଣାର ତଦନ୍ତ ଏପର୍ଯ୍ୟନ୍ତ ଜାରି ରହିଛି। ଏହି ଦୁଇଟି ଧକ୍କା ସ୍ପେନର ରେଳ ନେଟୱାର୍କର ସୁରକ୍ଷା ବିଷୟରେ ଗୁରୁତର ଚିନ୍ତା ସୃଷ୍ଟି କରିଛି। ଏହି ସବ୍ୟତମ ଦୁର୍ଘଟଣା ସ୍ପେନର ଜାତୀୟ ନିର୍ବାଚନର ଚାରି ସପ୍ତାହ ପୂର୍ବରୁ ଘଟିଥିଲା। ସ୍ପେନର ହାଇ-ସ୍ପିଡ୍ ରେଳ ନେଟୱାର୍କକୁ ଏହାର ସବୁଠାରୁ ବଡ଼ ସଫଳତା ମଧ୍ୟରୁ ଗୋଟିଏ ବୋଲି କୁହାଯାଇଥାଏ। ଏହା ଚୀନ୍ ପରେ ବିଶ୍ୱର ଦ୍ୱିତୀୟ ବୃହତମ ନେଟୱର୍କ। ତିନିଦଶନ୍ଧିରୁ ଅଧିକ ସମୟ ଧରି ଏହା ଆରମ୍ଭ ହେବା ପରଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ କୌଣସି ମାରାତ୍ମକ ଦୁର୍ଘଟଣା ଘଟି ନଥିଲା।

ଗଞ୍ଜାମକୁ କେତେ ମିଳିବ କେନ୍ଦ୍ରୀୟ ସହାୟତା କ୍ଷୟକ୍ଷତି ଦେଖିଲା କେନ୍ଦ୍ରୀୟ ଟିମ୍



ଗଞ୍ଜାମ,୪/୧୧(ନି/ପ୍): ବାତ୍ୟା ଅର୍ଣ୍ଣବ ତାଣ୍ଡବ ପରେ ଗଞ୍ଜାମରେ ପହଂଚିଲା କେନ୍ଦ୍ରୀୟ ଟିମ୍ । ବନ୍ୟା ଓ ବାତ୍ୟାରେ କେତେ ହୋଇଛି କ୍ଷୟକ୍ଷତି, ତା'ର ହେବ ଆକଳନ । ଗାଁ ଗାଁ ବୁଲି ବାତ୍ତବ ସ୍ଥିତି ପରଖିବେ ଅଧିକାରୀ । ରାସ୍ତାଘାଟ, ନଦୀବନ୍ଧ, ଚାଷଜମିଠାରୁ ଆରମ୍ଭ କରି ସରକାରୀ ଜିନିଭୂମି ପର୍ଯ୍ୟନ୍ତ ସବୁକିଛିର ହେବ ଯାଂଚ । ଟିମ୍‌ର ରିପୋର୍ଟ ପରେ ଜଣାପଡ଼ିବ ଗଞ୍ଜାମକୁ କେତେ ମିଳିବ କେନ୍ଦ୍ରୀୟ ସହାୟତା । ପ୍ରଥମେ ପୁରୁଷୋତ୍ତମପୁର କୁଦ୍ରର ଅତୁଳି ଗାଁରେ ପହଂଚି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି କେନ୍ଦ୍ରୀୟ ଟିମ୍ । ନବୀବନ୍ଧ ଭାଙ୍ଗିବା ସହ ଚାଷଜମିରେ ବାଲିଚର ଓ ଉଠା ଜଳସେଚନ ପ୍ରକଳ୍ପର କ୍ଷତି ଦେଖିଛନ୍ତି । ଏହାପରେ ହାଣ୍ଡିସର ଗାଁରେ ରାସ୍ତାଘାଟ, ବିଦ୍ୟୁତ ଖୁଣ୍ଟ ଓ ଉଦ୍ୟାନ ଫସଲର କ୍ଷୟକ୍ଷତି ଆକଳନ କରିବେ । ସେହିପରି ହାରାଧରବାଟି ଜଳସେଚନ ପ୍ରକଳ୍ପ, ହିଞ୍ଜିଳିକାଟୁର ପୋଡ଼ାହାଡ଼ ଟ୍ରିଜ୍ ଓ ଜୟମଙ୍ଗଳ ଜଳସେଚନ ପ୍ରଣାଳୀର କ୍ଷତି ମଧ୍ୟ ଅନୁଧ୍ୟାନ କରିବେ । ଆସିଲା ଏନ୍‌ଏସିର ଲକ୍ଷ୍ମୀ ବଜାରରେ ବ୍ୟବସାୟିକ ପ୍ରତିଷ୍ଠାନ ଓ ଉପଖଣ୍ଡ ଚିକିତ୍ସାଳୟର କ୍ଷୟକ୍ଷତି ଦେଖିବେ। ନରଜନ୍ତୁପୁର ଗାଁରେ ଘରଦ୍ୱାର, ଗାଈ, ପୋଲ ଓ ଚାଷଜମିର ସ୍ଥିତି ପରଖିବେ । ଏହାପରେ ଧରାକୋଟ କୁଦ୍ରର ଜାହାଡ଼ା ଗାଁ ଓ ଜାଡିବିଲି ଆଦିଙ୍କ ପରିଦର୍ଶନ କରିବେ । ସେଠାରେ ସରକାରୀ ଅନୁଷ୍ଠାନ, ସାମ୍ପ୍ରାଣ୍ଡେନ୍ଦ୍ର, ବିଦ୍ୟୁତ ଖୁଣ୍ଟ,



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ 'ନୂଆଁଖାଇ ଭେଟ୍‌ଘାଟ୍-୨୦୨୬' ଆୟୋଜିତ



କେନ୍ଦୁଝର,୪/୧୧(ନି/ପ୍ର): କେନ୍ଦୁଝରସ୍ଥିତ ଅଶୋକବାଟିକାଠାରେ ୨୦୨୬ ନଭେମ୍ବର ୧ ତାରିଖ ରବିବାର ଦିନ ପଶ୍ଚିମ ଓଡ଼ିଶା ପରିବାର,କେନ୍ଦୁଝର ପକ୍ଷରୁ 'ନୂଆଁଖାଇ ଭେଟ୍‌ଘାଟ୍-୨୦୨୬' ମହାସମାରୋହରେ ଆୟୋଜିତ ହୋଇଥିଲା । ଏହିଉତ୍ସବରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗରେ କାର୍ଯ୍ୟରତ ପଶ୍ଚିମ ଓଡ଼ିଶାର କର୍ମଚାରୀମାନଙ୍କ ପରିବାରର ପ୍ରାୟ ୧୭୦ ଜଣ ସଦସ୍ୟ ଯୋଗଦାନ କରିଥିଲେ । ଏହି ଭେଟ୍‌ଘାଟ୍ ଉତ୍ସବର ଆରମ୍ଭ ମାଆ ସମଲେଇ, ମାଆ ସୁରେଶ୍ୱରୀ, ମାଆ ପାତଣେଶ୍ୱରୀ, ମାଆ ମାଣିକେଶ୍ୱରୀ ଓ ମାଆ ତାରିଣୀଙ୍କ ପୂଜାର୍ଚ୍ଚନାରୁ ହୋଇଥିଲା । . ଉତ୍ସବରେ ପଶ୍ଚିମ ଓଡ଼ିଶାର ଗୌରବମୟ ଲୋକସଂସ୍କୃତି ଓ ପରମ୍ପରାର ମନୋରମ ପ୍ରତିଫଳନ ଦେଖିବାକୁ ମିଳିଥିଲା । . ବିଭିନ୍ନ ଜଳାଞ୍ଚାର ଓ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଶେଷକରି ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଦର୍ଶକମାନଙ୍କ ମନ ମୋହିଥିଲା ।ଜଳାଞ୍ଚାରମାନଙ୍କ ଚିତ୍ତାକର୍ଷକ ପରିବେଷଣ ଉତ୍ସବରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି କରିଥିଲା ।ଏହି ଅବସରରେ ପରିବେଷିତ ମଧ୍ୟାହ୍ନ ଭୋଜନରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟର ସ୍ୱତନ୍ତ୍ର ସ୍ୱାଦ ରହିଥିଲା ।ଭୋଜନରେ ପାରମ୍ପରିକ 'ଲେଖା' ଓ 'ଆରିସା ପିଠା' ଭଳି ସୁସ୍ୱାଦୁ ବ୍ୟଞ୍ଜନ ସ୍ଥାନ ପାଇଥିଲା ।ଏହି ପାରମ୍ପରିକ ଖାଦ୍ୟଗୁଡ଼ିକ ଉପସ୍ଥିତ ସମସ୍ତଙ୍କୁ ନିଜ ମାଟିର ସ୍ମୃତି ଓ ସ୍ୱାଦ ସହିତ ଯୋଡ଼ି ରଖିଥିଲା । ଏହି ଭେଟ୍‌ଘାଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ମିଳନ ଉତ୍ସବ ଭାବେ ସମସ୍ତଙ୍କ ମନରେ ଅଲୁଣା ସ୍ମୃତି ଛାଡ଼ିଯାଇଥିଲା ।

ଏଥିସହ ନିଜ ଜନ୍ମମାଟିର ଐତିହ୍ୟ ଓ ସାଂସ୍କୃତିକ ପରିଚୟକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବା ମଧ୍ୟ ଏହି ଆୟୋଜନର ଅନ୍ୟତମ ଲକ୍ଷ୍ୟ ଥିଲା । କର୍ମଜୀବନର ବ୍ୟସ୍ତତା ମଧ୍ୟରେ ନିଜ ଅଚଂଳର ଲୋକଙ୍କ ସହ ମିଳିତ ହେବାର ଏହା ଏକ ସୁନ୍ଦର ସୁଯୋଗ ଥିଲା । ଏହି ଆୟୋଜନ ପରସ୍ପର ମଧ୍ୟରେ ସ୍ନେହ, ସଦ୍‌ଭାବ, ଏକତା ଓ ଭାଇଚାରାର ସମ୍ପର୍କକୁ ଆହୁରି ସୁଦୃଢ଼ କରିଥିଲା । ନୂଆଁଖାଇ ଭେଦକ ଏକ ପର୍ବ ନୁହେଁ, ଏହା ପଶ୍ଚିମ ଓଡ଼ିଶାର ଏକତା, ଆତ୍ମୀୟତା ଓ ସାଂସ୍କୃତିକ ଅସ୍ମିତାର ପ୍ରତୀକ ବୋଲି ଏହି ଅନୁଷ୍ଠାନର ସଭାପତି ଶ୍ରୀ ବିଶାଲ ସିଂହ ଏକତା, ଆତ୍ମୀୟତା ଓ ସାଂସ୍କୃତିକ ଅସ୍ମିତାର ପ୍ରତୀକ ବୋଲି ଏହି ଉତ୍ସବ ପ୍ରମାଣିତ କରିଥିଲା । ଏପରି ମିଳନ ଉତ୍ସବ ମାଧ୍ୟମରେ ନିଜ ମାଟି, ଭାଷା ଓ ସଂସ୍କୃତି ପ୍ରତି ଥିବା ଆବେଗକୁ ଜୀବନ୍ତ ରଖିବା ସହ ସମସ୍ତଙ୍କ ମଧ୍ୟରେ ଆତ୍ମୀୟତାର ବନ୍ଧନ ଅଧିକ ମଜବୁତ ହୋଇଥାଏ । ପରିଶେଷରେ, 'ନୂଆଁଖାଇଭେଟ୍‌ଘାଟ୍-୨୦୨୬' ଏକ ଆନନ୍ଦମୟ, ସ୍ମରଣୀୟ ଓ ଭାବପୂର୍ଣ୍ଣ ସାଂସ୍କୃତିକ ମିଳନ ଉତ୍ସବ ଭାବେ ସମସ୍ତଙ୍କ ମନରେ ଅମଳାନ ସ୍ମୃତି ହୋଇ ରହିଥିଲା ।

ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



କେନ୍ଦୁଝର,୪/୧୧(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ସୋମବାର ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଚଂଳରୁ ଆସିଥିବା ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅଭିଯୋଗ ଉପସ୍ଥାପନ କରିଥିଲେ । ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ । ଏହି ଶିବିରରେ ମୋଟ ୧୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୪୨ଟି ବ୍ୟକ୍ତିଗତ ଏବଂ ୩୮ଟି ସାମୂହିକ ଅଭିଯୋଗ ରହିଥିଲା । ଏଥିସହ ରେଡକ୍ରସ ପାଣ୍ଠିରୁ ସହାୟତା ପାଇବା ନିମନ୍ତେ ୬ଟି ଆବେଦନ ମଧ୍ୟ ଗ୍ରହଣ କରାଯାଇଥିଲା । ପଞ୍ଜିକୃତ ଅଭିଯୋଗଗୁଡ଼ିକ ମଧ୍ୟରୁ ୪୮ଟିର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଆଶୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନଞ୍ଜୟ ହନୁମନ୍ତ ଧାମଧେରେ, ଆରକ୍ଷୀ ଅଧିକ୍ଷକ ଶ୍ରୀ ନୀତିନ କୁଣ୍ଡଳକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ନହାଳିକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ମାଗଉଣ୍ଡେ, ବିଡିଓମ୍ଙ୍କ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣିକରିଥିଲେ। ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଓ ସରକାରୀ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ପଂଚାୟତ ସମିତି କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯିବ । ଏହି କ୍ରମରେ ନିମ୍ନଲିଖିତ ତାରିଖରେ ଶିବିର ଅନୁଷ୍ଠିତ ହେବ । - ୯ ନଭେମ୍ବର ୨୦୨୬ (ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ହାତଡିହି।- ୧୬ ନଭେମ୍ବର ୨୦୨୬ (ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ବାଂଶପାଳ । - ୨୩ ନଭେମ୍ବର ୨୦୨୬ (ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ଚମ୍ପୁଆ । - ୩୦ ନଭେମ୍ବର ୨୦୨୬ (ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ଘଟଗାଁ । ଜନସାଧାରଣ ନିଜ ନିଜ ଅଚଂଳରେ ଆୟୋଜିତ ହେବାକୁ ଥିବା ଏହି ଶିବିରଗୁଡ଼ିକରେ ଯୋଗଦେଇ ନିଜର ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ବିଦ୍ୟୁତ ବିଭାଗର ଚରମ ଅବହେଳା :ଖୁଣ୍ଟ ଭାଙ୍ଗିବା ପରେ ଗରିବଙ୍କ ଛାତ ଉପରେ ବାନ୍ଧିଦେଲେ ହାଇଭୋଲଟେଜ୍ ତାର

ଚମ୍ପୁଆ,୪/୧୧(ନି/ପ୍ର): ବିଦ୍ୟୁତ ବିଭାଗର ଅଧିକାରୀଙ୍କ ନିକଟରେ ଗରିବଙ୍କ ଜୀବନ ସତେ ଯେମିତି ମୂଲ୍ୟହୀନ ହୋଇପଡ଼ିଛି । କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଉଖା ଗ୍ରାମପଂଚାୟତର ମହିଶାକ ସାହିରୁ ଲାରି ରହିଥିବା ଜାଖିପାଳ ଗ୍ରାମପଂଚାୟତରୁ ଏଭଳି ଏକ ସାଂଘାତିକ ତଥା ବାୟିତ୍ୱହୀନତାର ଚିତ୍ର ସାମ୍ନାକୁ ଆସିଛି । ଏଠାକାର ବାସିନ୍ଦା ଅନାମ ନାଏକଙ୍କ ଘର ସମ୍ମୁଖରେ ଏକ ବଡ଼ଧରଣର ବିପଦ ଘେରି ରହିଥିଲେ ମଧ୍ୟ ବିଦ୍ୟୁତ ବିଭାଗର କର୍ମଚାରୀ ଓ ଯନ୍ତ୍ରୀମାନେ ସମ୍ପୂର୍ଣ୍ଣ ନିଦାବିଷ୍ଟ ସାଜିଛନ୍ତି । ମିଳିଥିବା ସୂଚନା ମୁତାବକ, ଘର ତାତ୍ୟା ସମୟରେ ଅନାମ ନାଏକଙ୍କ ଘର ସମ୍ମୁଖରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡ଼ିଥିଲା । ତେବେ ଭାଙ୍ଗିଯାଇଥିବା ଖୁଣ୍ଟକୁ ସଜାଡ଼ିବା ଜିୟା ନୂତନ ଖୁଣ୍ଟ ପୋତିବା ବଦଳରେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଅତ୍ୟନ୍ତ ବେପରୁଆ ଭାବେ ବିଦ୍ୟୁତ ତାରଗୁଡ଼ିକୁ ଆଣି ସିଧାସଳଖ ଅନାମଙ୍କ ପକ୍କା ଛାତ ଉପରେ ବାନ୍ଧି ଦେଇ ଚାଲିଯାଇଛନ୍ତି । ବର୍ତ୍ତମାନ ଏହି ଘରର ଛାତ ଉପରେ ବିପଜ୍ଜନକ ଭାବେ ସମ୍ପୃସାରିତ ହୋଇଥିବା ହାଇଭୋଲଟେଜ୍ ବିଦ୍ୟୁତ ତାର ଝୁଲୁଥିବାରୁ ପରିବାରର ସମସ୍ତ ସଦସ୍ୟ ଓ ଛୋଟଛୁଆଙ୍କ ପ୍ରତି ପ୍ରତିମୁହୂର୍ତ୍ତରେ ବିପଦ ସୃଷ୍ଟି ହୋଇଛି । ପରିବାର ଲୋକେ ସର୍ବଦା ମୃତ୍ୟୁ ଭୟ ଭିତରେ ଦିନ କାଟୁଛନ୍ତି । ଘରର ଛାତକୁ ଯିବା ଜିୟା ସେଠାରେ ଦୈନନ୍ଦିନ ଘରୋଇ କାମ କରିବା ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି ।ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ଅନାମ ନାଏକ ତାରୟାର ଚମ୍ପୁଆ ସ୍ଥିତ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି । ବିଭାଗୀୟ କର୍ମଚାରୀ ଓ ଯନ୍ତ୍ରୀମାନେ କେବଳ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି, କିନ୍ତୁ ବାସ୍ତବକ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ବିଭାଗର ଏଭଳି ସାଂଘାତିକ ଅବହେଳା ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ଧରଣର ଧନଜୀବନ ହାନି ଘଟାଇପାରେ । ଯଦି ଏହି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପରିବାରର କୌଣସି ସଦସ୍ୟ ଦୁର୍ଘଟଣାର ଶିକାର ହୁଅନ୍ତି, ତେବେ ଏଥିପାଇଁ ଦାୟୀ ହେବ କିଏ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ? ବିପଦ ଘଟେଇବା ପୂର୍ବରୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଟାଟା ପାୱାରର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦୃଢ଼ ଦାବି ହେଉଛି ।

ମୃତ୍ୟୁ ଭୟରେ ଅନାମଙ୍କ ପରିବାର

ଭବାନୀପାଟଣା ଠାରେ ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର

ଭବାନୀପାଟଣା, ୪/୧୧(ନି/ପ୍ର): ଜନସାଧାରଣଙ୍କ ଅଭିଯୋଗର ଶୁଣାଣୀ କରି ସେଗୁଡ଼ିକର ତ୍ୱରିତ ଓ ନ୍ୟାୟସଙ୍ଗତ ସମାଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ସତିନ ପାଣ୍ଡାର ପ୍ରକାଶ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନୟ କୁମାର ଦରଖ୍ୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରା ଜଏନ୍ ଗୁଡ଼ିଆ, ବିଡିଓ, ଜିଲ୍ଲା ପରିଷଦ ସଦସ୍ୟା ସୌମ୍ୟରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ଭବାନୀପାଟଣା ଆଞ୍ଚଳିକ ଏଏଲ୍, ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଶିବିରରେ ବିଭିନ୍ନ ସମସ୍ୟାର ସମାଧାନ ଆଶାରେ ଆସିଥିବା ଅଭିଯୋଗକାମାନେ ନିଜ ନିଜର ସମସ୍ୟା ଓ ଅଭିଯୋଗକୁ ଜିଲ୍ଲାପାଳ ନିକଟରେ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବା ସହ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ତତ୍ତ୍ୱ ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୪୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୨୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ଟି ସାମୂହିକ ଅଭିଯୋଗ ଶୁଣାଣି

ବିବିଧା

ରାଶିଫଳ

ମେଷ: ପାରିବାରିକ ସମସ୍ୟା ଦେଖାଦେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

ବୃଷ: ବନ୍ଧୁଙ୍କ ସହଯୋଗ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିପାରେ। ଦୀର୍ଘ ଦିନର ଆଶା ପୂରଣ ହେବ।

ମିଥୁନ: ଦିନଟି ଶୁଭପ୍ରଦ ପ୍ରମାଣ କରିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

କର୍କଟ: ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ଆୟର ବ୍ୟୟ ସମାନ ରହିବ।

ସିଂହ: ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ପର୍କ ମଜବୁତ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

କନ୍ୟା: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଦୈବୀହିକ ଜୀବନରେ ସମସ୍ୟା ଆସିବ। ବହୁ ମିଳନ ଯୋଗ ରହିଛି।

ତୁଳା: ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ମୁକୁଳେ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସହିତ ହସଖୁସିରେ ସମୟ ବିତାଇବେ।

ବିଛା: ଜର୍ମନଶ୍ଚ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହୋଇପାରେ। ଅଯଥା ଖର୍ଚ୍ଚରୁ ବୁଡ଼େଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

ଧନୁ: ଦିନଟି ମିଶ୍ରପ୍ରଦ ପ୍ରମାଣ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଦାନ ଧର୍ମ କରନ୍ତୁ।

ମକର: ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଉଧାର ଟଙ୍କା ଫେରି ପାଇବେ।


କୁମ୍ଭ: ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଉଧାର ଟଙ୍କା ଫେରି ପାଇବେ।

ମୀନ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

ଆଜିର ଇତିହାସ

- ୧୮୬୩- ପ୍ରଥମ ଟାଇପ୍ ରାଇଟର୍ ଗ୍ରାହକଙ୍କୁ ବିକ୍ରି କରାଗଲା।
- ୧୯୪୪- ଆମେରିକୀୟ ସେନା ପ୍ରଥମ ଥର ଜର୍ମାନୀରେ ପ୍ରବେଶ କଲା।
- ୧୯୫୯ -ସୋଭିଏତ୍ ସଂଘର ପ୍ରଥମ ମହାକାଶଯାନ 'ଲୁନା-୨' ଚନ୍ଦ୍ରପୃଷ୍ଠରେ ପହଞ୍ଚିଲା।
- ୧୯୯୮ - କୁଆଲାଲାମ୍ପୁରରେ ୧୬ତମ କମନ୍‌ୱେଲ୍ଥ ଖେଳର ଆରମ୍ଭ।
- ୨୦୦୦- ନ୍ୟୁୟର୍କରେ ଅନ୍ତରାଷ୍ଟ୍ରୀୟ ଆର୍ଥିକ ସଙ୍ଗଠନ ଆରମ୍ଭ।

ଆଜି ବାହୁଡ଼ିଥିଲେ



ପାଠାଗାର ଆନ୍ଦୋଳନର ପୁରୋଧା

ଦାଶରଥୀ ପଟ୍ଟନାୟକ

ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ, ସାରସ୍ୱତ ସାଧକ ଦାଶରଥୀ ପଟ୍ଟନାୟକଙ୍କର ଆଜି ପୁଣ୍ୟତିଥି। ଦାସିଆ ଅଞ୍ଚଳ ନାମରେ ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଦାସିଆ ଅଞ୍ଚଳ ୧୯୦୭ ମସିହା ଜୁଲାଇ ୧୨ ତାରିଖରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ର ଉଦୟପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ମାତ୍ର ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ସେ ନିଜ ଗାଁରେ ପଥୁରିଆ ଅନୁର୍ବର ଜମି ବାଶ ଜରି ଘେଟ ଯୋଗୁଥିଲେ। ଏଥିପାଇଁ ସେ ଖୁଣ୍ଟାବନ୍ଦା ରଜା ନାମରେ ପରିଚିତ ଥିଲେ। ସେ ଦ୍ୱିପ୍ରହର ସମୟରେ ବିଶ୍ରାମ ନ ନେଇ ଦାସିଆ ଅଞ୍ଚଳ ନୟାଗଡ଼ର ନୂଆଗାଁରେ ଶ୍ରୀ ଅରବିନ୍ଦ ସଂଗ୍ରାହକୟ ସ୍ଥାପନା କରିଥିଲେ। ୫୦୦୦ରୁ ଅଧିକ ତାଳପତ୍ର ପୋଥି, ପୁରୁଣା ମୁଦ୍ରା, ଅସ୍ତ୍ରଶସ୍ତ୍ର, ତେଚମୁଜି, ବିଶିଷ୍ଟ ବାଦ୍ୟଯନ୍ତ୍ର ବ୍ୟବହୃତ ଦ୍ରବ୍ୟ, ପୁରାତନ ବସ୍ତ୍ରାବିତ୍, ଫସିଲ, ଡାକଟିକଟ, ବାଦ୍ୟଯନ୍ତ୍ର, ମୂଲ୍ୟବାନ ପଟ୍ଟଚିତ୍ର ଆଦି ଅନେକ ଦୁର୍ଲଭ ଜିନିଷ ରହିଛି ଏହି ସଂଗ୍ରାହକସରେ। ସଂଗ୍ରାହକୟ ପରିସରର ମଧ୍ୟରେ ଦାଶ୍ରାନିଧି ପାଠାଗାର ଓ ଯଦୁମଣି ସାହିତ୍ୟ ସଂସଦ ରହିଛି। ଏକକ ପ୍ରତେଷ୍ଟାରେ ୫୦ ହଜାରରୁ ଅଧିକ ବହି ଓ ୬୫ ହଜାରରୁ ଅଧିକ ପତ୍ରିକାରେ ସମୃଦ୍ଧ ହୋଇଥିଲା ବାଶ୍ରାନିଧି ପାଠାଗାର। ଏଠାରେ ବିଭିନ୍ନ ଭାଷାର ଅଭିଧାନ, ୩୩ ହଜାର ବିରଳ ବହି ଓ ୧୯୫୫ ରୁ ୨୯୯୭ ପର୍ଯ୍ୟନ୍ତ ବହୁ ଦୈନିକ ଖବରକାଗଜ ରହିଛି। ୧୯୯୭ ମସିହା ଆଜିର ଦିନରେ ୯୦ ବର୍ଷ ବୟସରେ ଦାସିଆ ଅଞ୍ଚଳର ଦେହାନ୍ତ ହୋଇଥିଲା। ତେବେ ତାଙ୍କର ତିନୋଟି ଅନୁଷ୍ଠାନ ତାଙ୍କୁ ଚିରଦିନ ଅମର କରିଦେଇଛି। ସରକାରୀ ପ୍ରୋତ୍ସାହନରେ ଦାସିଆ ଅଞ୍ଚଳର ତିନୋଟି ଯାକ ଅନୁଷ୍ଠାନକୁ ମିଶାଇ ଦାଶରଥୀ ପଟ୍ଟନାୟକ ଫାଉଣ୍ଡେସନ୍ ଟ୍ରଷ୍ଟ ଗଠନ କରାଯାଇଛି।

ଜ୍ଞାନୀ ଆଜ୍ଞାଉ




ପିଲାଠୁ ବୁଢ଼ା ସମସ୍ତେ ଚକଲେଟ୍ ଖାଇବାକୁ ପସନ୍ଦ କରନ୍ତି। ଚକଲେଟ୍ ସାଧାରଣତଃ ମିଠା ହୋଇଥାଏ। ଏହାବାଦ୍ ରାଗ, ଲୁଣିଆ, ଖଟା ସ୍ୱାଦ ଯୁକ୍ତ ଚକଲେଟ୍ ମଧ୍ୟ ବଜାରରେ ମିଳୁଛି। ଜାପାନର ଆଗଧାଡ଼ିର ରିସେର୍ଚ୍ଚ କମ୍ପାନୀ 'ଲାବନ' ୨୦୨୨ ମସିହାରେ ଏକ ଭିନ୍ନ ଧରଣର କ୍ୟାଣ୍ଡିକୁ ଲଞ୍ଚ କରିଥିଲା। ଏହି କ୍ୟାଣ୍ଡିର ନାଁ 'ଆଜି ନୋ ଶିନାଇ' । ସ୍ପାନସ ଭାଷାରେ ଏହାର ଅର୍ଥ ବିନା ସ୍ୱାଦର କ୍ୟାଣ୍ଡି । ଏହି କ୍ୟାଣ୍ଡି ଖାଇଲେ ଏଥିରେ କିଛି ସ୍ୱାଦ ଜଣାପଡ଼ିବ ନାହିଁ ବୋଲି ସେତେବେଳେ କମ୍ପାନି ପକ୍ଷରୁ କୁହାଯାଇଥିଲା । ଏହି କ୍ୟାଣ୍ଡି ପାଟିକୁ ମିଠା, ଖଟା, ରାଗ କି ଲୁଣିଆ ଲାଗିବ ନାହିଁ । ଏହାକୁ ତିଆରି କରିବା ପାଇଁ ଜେକବ ବୁଲଟି ସାମଗ୍ରୀର ବ୍ୟବହାର ହୋଇଛି । ପ୍ରଥମଟି ହେଉଛି ସିଣ୍ଟେଟିକ ସୁଗାରର ବିକଳ୍ପ ଯାହାକୁ ପଲିଡେକ୍ସଟ୍ରୋଜ୍ ଓ ଅନ୍ୟଟି ହେଉଛି ଅର୍ଗାନିକ ସୁଗାରର ବିକଳ୍ପ ଏରିଥ୍ରୋଲ । ତେବେ ଏହି କ୍ୟାଣ୍ଡି ଖାଇଥିବା ବିଜ୍ଞି ଲୋକଙ୍କର କହିବାନୁସାରେ, ଏହି କ୍ୟାଣ୍ଡି ସ୍ପୋର୍ଟସ୍ ଡ୍ରିଙ୍କର ଅଧିକ ପାଣି ମିଶାଇଲେ ତାହା ଯେମିତି ପାଟିକୁ ଲାଗିଥାଏ ଏହା ସେମିତି ଲାଗୁଛି । ସେହିଭଳି ଆଉ କିଛି ଜଣ ଏହା ହାଲ୍‌କା ମିଠା ଲାଗୁଛି ବୋଲି କହିଛନ୍ତି। ଅନ୍ୟପଟେ ମିଠା କିମ୍ବା ସ୍ୱାଦଯୁକ୍ତ କ୍ୟାଣ୍ଡି ଖାଇବାକୁ ପସନ୍ଦ କରୁନଥିବା ଲୋକଙ୍କ ପାଇଁ ଏହା ତିଆରି କରାଯାଇଥିବା କମ୍ପାନି ପକ୍ଷରୁ କୁହାଯାଇଛି । ମହାମାରୀ କରୋନା ସମୟରେ ମାସ୍କ ବ୍ୟବହାରୀଙ୍କ ପାଇଁ ମିଶ୍ଚ କ୍ୟାଣ୍ଡି ସମସ୍ୟା କରୁଥିବା ଲକ୍ଷ୍ୟ କରି ଏହି ସ୍ୱାଦହୀନ କ୍ୟାଣ୍ଡିଟିକୁ ତିଆରି କରାଯାଇଥିଲା ।

ଓଜନ ବଢ଼ାଇଲେ ଅମିର୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମକୁ ନେଇ ଚର୍ଚ୍ଚା



ବଲିଉଡ୍ ଅଭିନେତା ଅମିର୍ ଖାନ୍ ଏବେ ତାଙ୍କର ନୂଆ ଲୁକ୍ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଇତିମଧ୍ୟରେ ଅମିର୍‌ଙ୍କର ଏକ ଭିଡିଓ ଭାଇରାଲ ହୋଇଛି । ଯେଉଁଥିରେ ସେ 'ପିତାରେ ଜମିନ୍ ପର୍' ଟିମ୍‌ସହ ନାଚୁଥିବାର ଦେଖାଯାଇଛନ୍ତି । ଏହି ସମୟରେ ସେ ବେଶ୍ ମୋଟା ଦେଖାଯାଉଛନ୍ତି। ଅମିର୍ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ 'ପିତାରେ ଜମିନ୍ ପର' ଲୁକ୍ ସହ ତୁଳନା କରୁଛନ୍ତି । 'ପିତାରେ ଜମିନ୍ ପର୍'ରେ ଅମିର୍ ବେଶ୍ ପତଳା ଦେଖାଯାଉଥିଲେ। ତେବେ ଅମିର୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମ ପାଇଁ ତାଙ୍କ ଓଜନ ବୃଦ୍ଧି କରିଥିବା ଚର୍ଚ୍ଚା ହେଉଛି । ରାଜକୁମାର ହିରାନୀ 'ଦାଦା ସାହେବ ଫାଲ୍‌କେ'ଙ୍କ ବାୟୋଗ୍ରାଫି ପାଇଁ ଅମିର୍‌ଙ୍କୁ ସାଇନ୍ କରିଥିବା ଜଣାପଡ଼ିଛି । ଏହାପୂର୍ବରୁ ଅମିର୍ 'ଦଙ୍ଗଲ' ଫିଲ୍ମ ପାଇଁ ଓଜନ ବଢ଼ାଇଥିଲେ । ଏହା ବଜ୍ଜ ଅପିସ୍‌ରେ ୨୦୦୦ କୋଟିର ବିଜିନେସ୍ କରିଥିଲା । ତେବେ 'ବଜ୍ଜଲ'ର ସଫଳତାକୁ ଦୋହରାଇବା ପାଇଁ ଅମିର୍ 'ଦାଦାସାହେବ ଫାଲ୍‌କେ ' ଫିଲ୍ମ ପାଇଁ ଓଜନ ବଢ଼ାଇଥିବା ମଧ୍ୟ ଚର୍ଚ୍ଚା ହେଉଛି ।



'ସକାଳ'ର ସ୍ୱାସ୍ଥ୍ୟ

ଟମାଟୋ ଫ୍ଲୁ

ଋତୁପରିବର୍ତ୍ତନ ଦ୍ୱାରା ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ଅଧିକ ବୃଦ୍ଧିପାଏ । ଦୂଷିତ ବାୟୁଯୋଗୁଁ ଥଣ୍ଡା, କାଶ, ଜ୍ୱର ସହିତ ଶ୍ୱାସ ସମସ୍ୟା ଦ୍ୱିଗୁଣିତ ହୋଇଥାଏ । ଏହି କ୍ରମରେ ଏବେ ଦେଶରେ ଟମାଟୋ ଫ୍ଲୁ ନାମକ ଭୂତାଣୁ ଚିନ୍ତା ବଢ଼ାଉଛି । ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା..

ଟମାଟୋ ଫ୍ଲୁ ଏକ ଭୂତାଣୁ ସଂକ୍ରାମକ ରୋଗ । ସାଧାରଣତଃ ୫ବର୍ଷରୁ କମ୍ ବୟସର ପିଲାଙ୍କୁ ଏହା ଅଧିକ ପ୍ରଭାବିତ କରିଥାଏ। ବର୍ଷାଦିନେ ବାତାବରଣରେ ଆର୍ଦ୍ର ଥିବାରୁ ଏହି ସମୟରେ ପରିବେଶରେ ମଶା, ମାଛି ତଥା ବିଭିନ୍ନ ଭୂତାଣୁ ଶୀଘ୍ର ବଢ଼ିଥାନ୍ତି । ପିଲାଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନେ ଅନ୍ୟପିଲାଙ୍କ ସହ ଖେଳିବା ବିମ୍ବା ଖାଇବା ଦ୍ୱାରା ଏହି ଭୂତାଣୁ ସଂକ୍ରମଣର ଶିକାର ହୋଇଥାନ୍ତି । ତେବେ ସଂକ୍ରମିତ ପିଲାଙ୍କ ତର୍ମାରେ ଲାଲ ଏବଂ ଗୋଲ ଗୋଲ ଟମାଟୋ ଆକାର ପଳିଯାଇଥିବାରୁ ଏହାକୁ ଟମାଟୋ ଫ୍ଲୁ କୁହାଯାଇଥାଏ । ଏଥିରେ ସଂକ୍ରମିତ ପିଲାଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ପାଞ୍ଚଦିନ ଧରି ଜ୍ୱର ଲାଗି ରହିବା, ଦୁର୍ବଳ ଓ ଥକା ଅନୁଭବ କରିବା, ହାତ ଗୋଡ କିମ୍ବା ମୁହଁ ଓ ଜିଭରେ ଟମାଟୋ ପରି ଛୋଟ ଘାନା ବାହାରି ପୋଡ଼ାଜଳା କିମ୍ବା କୁଣ୍ଡାଇ ହେବା, ମୁଣ୍ଡବିନ୍ଧା, ଗଳା ବଉଳ, ଖାଦ୍ୟ ଢୋକିବାରେ ସମସ୍ୟା, ଆଖୁ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣକୁ ଅଣଦେଖା କଲେ ଏହା ରୋଗପ୍ରତିରୋଧକଶକ୍ତିକୁ ହ୍ରାସ କରିଦିଏ।

ସେଥିପାଇଁ ଉପରୋକ୍ତ ଲକ୍ଷଣ ଦେଖିବାମାତ୍ରେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ । ଏହା ସହିତ ପିଲାଙ୍କ ଖାଦ୍ୟପେୟ ଓ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି । ଘର ପରିବେଶରୁ ସଫା ରଖିବା ଦ୍ୱାରା ଭୂତାଣୁ ସଂକ୍ରମଣର ଆଶଙ୍କା ହ୍ରାସ ପାଏ। ସେହିପରି ରୋଗାକ୍ରାନ୍ତ ପିଲାଙ୍କୁ ଅନ୍ୟପିଲାଙ୍କଠାରୁ ଦୂରେଇ ରଖିବା ଆବଶ୍ୟକ । ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାର ପାଣି ପିଆଇବା ସହିତ ପୌଷ୍ଟିକ ଖାଦ୍ୟ ଦେବା ଦରକାର। ଧ୍ୟାନ ଦେବେ, ପିଲା ଯେମିତି ପୋଟଳାକୁ ନ କୁଣ୍ଡାନ୍ତି । ସଂକ୍ରମିତ ପିଲାଙ୍କୁ ଖୁଲା କିମ୍ବା ବାହାରାକୁ ଖେଳିବାକୁ ଛାଡ଼ିବନାହିଁ । ବାହାର ଖାଦ୍ୟ ଏବଂ ଆମିଷ ଖାଦ୍ୟଠୁ ଦୂରେଇ ରଖିବା । ଧୂଳିଠାରୁ ପିଲାଙ୍କୁ ଦୂରେଇ ରଖିବା ସହ ଡାକ୍ତରୀ ପରାମର୍ଶ ଅନୁସାରେ ଔଷଧ ଦେଇ ଜ୍ୱରର ତୀବ୍ରତା କମି ଥାଏ।



- ପ୍ରତିଦିନ ସକାଳୁ ଖାଲି ପେଟରେ ୨ରୁ ୩ଟି ଗୁଳୁଚି ପତ୍ରକୁ ଧୋଇ ଚୋବାଇଲେ, ଜ୍ୱର, ଡେଙ୍ଗୁ, ଗାଉଟ୍, ଆମବାତ, ଚର୍ମରୋଗ ଆଦିରୁ ଉପଶମ ମିଳିଥାଏ ।
- ଗୁଳୁଚି ରସ ତଥା ନିମ୍ବ ପତ୍ରର ସମ ପରିମାଣରୁ କ୍ୱାଥ କରି ୫୦ମିଲି ପିଇଲେ ବାତରକ୍ତ, ଆମବାତ, ଚର୍ମରୋଗ ଆଦିରୁ ଉପଶମ ମିଳିଥାଏ ।
- ଗୁଳୁଚି ରସ ତଥା ଅଦା ରସକୁ ସମପରିମାଣରେ ମହୁ ମିଶାଇ ପ୍ରତ୍ୟେକ ଦୁଇଥର ସେବନ କଲେ ସମସ୍ତ ପ୍ରକାର ଜ୍ୱରର ଉପଶମ ମିଳେ । ତେବେ ସର୍ବଦା ଚିକିତ୍ସକଙ୍କ ପରାମର୍ଶରେ ଅନୁମୋଦିତ ହାରରେ ଗୁଳୁଚି ବ୍ୟବହାର କରିବା ଆବଶ୍ୟକ । ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଗୁଳୁଚିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ବହୁ ରୋଗର ମହୌଷଧି ଗୁଳୁଚି

ଗିଲୋୟ ବା ଗୁଳୁଚିର ବୈଜ୍ଞାନିକ ନାଁ ଟିନୋସ୍ପୋରା କୋଡିଫୋଲିଆ । ଆୟୁର୍ବେଦରେ ଏହାକୁ ଅମୃତା ବୋଲି କୁହାଯାଏ । ଆମ୍ବୁ, ଜିତୁ, ପିତୁଳି ଆଦି ବଡ଼ଗଛମାନଙ୍କ ଉପରେ ଏହା କୁଣ୍ଡାନୀ ଆକାରରେ ମାଡ଼ିଥାଏ । ଏହାର ପତ୍ରଗୁଡ଼ଚ ହୃଦୟାକାର, ପାନପତ୍ର ସଦୃଶ ଅଟେ । ଏହା କେବଳ ଏକ ଔଷଧୀୟ ଗଛ ନୁହେଁ, ବରଂ ପ୍ରାକୃତିକ ଟନିକ୍ ଭାବେ ଶରୀରରେ ବହୁ ରୋଗର ଜୁରା ଜଡିଥାଏ ।

- ଗୁଳୁଚି କ୍ୱାଥ ୫୦ମିଲି ସେବନ ଦ୍ୱାରା ପାଚନ ବିକାର ଯଥା- ଅମ୍ଳିମ୍ବ, ଅମ୍ବୁତ ବିକାର, ବାନ୍ତି, ମଧୁମେହ, ଅମ୍ଳପିତ୍ତ, କୃମି ଆଦି ରୋଗର ଉପଶମ ହୋଇଥାଏ ।
- ଗୁଳୁଚି ଜଳକୁ ଚାରିଗୁଣ ପାଣିରେ ସିଝାଇ ତାହାକୁ ଏକ ଚୁଣ ରଖି ସେଥିରେ ମହୁ ମିଶାଇ ପ୍ରତ୍ୟେକ ଦୁଇଥର ସେବନ କଲେ ସମସ୍ତ ପ୍ରକାର ଜ୍ୱରର ଉପଶମ ମିଳେ । ତେବେ ସର୍ବଦା ଚିକିତ୍ସକଙ୍କ ପରାମର୍ଶରେ ଅନୁମୋଦିତ ହାରରେ ଗୁଳୁଚି ବ୍ୟବହାର କରିବା ଆବଶ୍ୟକ । ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଗୁଳୁଚିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଆଇଡ୍ରପ୍ ପକାଉଥିଲେ...

ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ । ବୟସ ହେଲେ କିମ୍ବା ଅନ୍ୟ କୌଣସି କାରଣରୁ ଦୃଷ୍ଟି ଶକ୍ତି ହ୍ରାସ ପାଇଲେ, ଡାକ୍ତରଙ୍କ ପରାମର୍ଶରେ ଆଖିର ଯତ୍ନ ନିଆଯାଏ । ଆଖି ସଂକ୍ରମଣ କିମ୍ବା ଗ୍ଲୁକୋମା ଆଦି ହେଲେ ଆଇ ଡ୍ରପ୍ ବ୍ୟବହାର କରାଯାଏ । ହେଲେ ଜାଣନ୍ତିକି ବ୍ଲୁଲ୍ ଶୈଳୀରେ ଆଇ ଡ୍ରପ୍ ପକାଇବା ଦ୍ୱାରା ଏହା ଆଖି ସଂକ୍ରମଣର କାରଣ ସାଜିପାରେ ।



ଆଖିରେ କୌଣସି ସମସ୍ୟା ଦେଖା ଗଲେ, ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆଖିର ଯତ୍ନ ନିଆଯାଏ । ତେଣୁ ଡାକ୍ତର ପ୍ରେସ୍କ୍ରାଇବ କରିଥିବା ଆଖିଡ୍ରପ୍‌କୁ ସଠିକ୍ ଡଙ୍ଗାରେ ଏବଂ ସାବଧାନତା ସହିତ ପକାଇବା ଦ୍ୱାରା ଏହା ଚକ୍ଷୁ ଜନିତ ସମସ୍ୟା କମ୍ କରିବାରେ ସହାୟ ହୋଇଥାଏ । ହେଲେ ଅଧିକାଂଶ ବ୍ଲୁଲ୍ ଶୈଳୀରେ ଆଇ ଡ୍ରପ୍ ପକାନ୍ତି । ଏହାଦ୍ୱାରା ଆଖି ସଂକ୍ରମଣର କାରଣ ସାଜିପାରେ । ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ଲୁକୋମା ରୋଗୀମାନେ ଆଖିରେ ଡ୍ରପ୍ ପକାଇବା ପୂର୍ବରୁ ଭଲଭାବେ ହାତ ଧୋଇବା ଦରକାର। ଡ୍ରପ୍ ପକାଇଲା ପରେ ଆଖିର କୋଣରେ ନଳିକା ନିକଟେ (ଟିଅରଡକ୍ଟ) ୧ ମିନିଟ୍ ପର୍ଯ୍ୟନ୍ତ ହାଲୁକା ଚାପ ଦେବେ ଔଷଧ ଭଲ ଭାବେ ଜାମ କରିଥାଏ । ଡାକ୍ତର ଯେପରି ମାତ୍ରା ଓ ସମୟ କହିଛନ୍ତି ସେହିଭଳି କରିବା ଆବଶ୍ୟକ।

ସେହିପରି ଆଇଡ୍ରପ୍ ଦ୍ୱାରା ଆଖିକୁ ଛୁଇଁବା ତଥା ହାତ ନ ଧୋଇ ଆଖିରେ ହାତ ମାରିବା ଅଭ୍ୟାସ ସଂକ୍ରମଣ ବୃଦ୍ଧି କରାଏ । ଅଧିକାଂଶ ଆଇ ଡ୍ରପ୍‌ର ଏକ୍ସପାଏରୀ ତାରିଖ ଥରେ ଖୋଲିବା ପରଠାରୁ ମାତ୍ର ୪ ସପ୍ତାହ ପର୍ଯ୍ୟନ୍ତ ରହିଥାଏ । ଅଧିକାଂଶ ଲୋକ ଏହି ତାରିଖ ଦେଖନ୍ତିନି କିମ୍ବା ଖୋଲା ପଡ଼ିଥିବା ପୁରୁଣା ଆଇ ଡ୍ରପ୍ ବ୍ୟବହାର କରିଦିଅନ୍ତି । ଏଥିଯୋଗୁଁ ଆଖି ସଂକ୍ରମଣ ହୁଏ । ଲେନ୍ସ ବ୍ୟବହାର କରୁଥିଲେ, ଆଇଡ୍ରପ ବ୍ୟବହାର ପୂର୍ବରୁ ଲେନ୍ସକୁ କାଢ଼ିଦେବା ମଧ୍ୟ ଜରୁରି । ସେହିପରି ଡ୍ରପ୍ ପକାଇ ଆଖିକୁ ତୁରନ୍ତ ବନ୍ଦ ନ କଲେ ବି ଆଖି ସଂକ୍ରମଣର କାରଣ ସାଜିପାରେ । ତେଣୁ ପଲକକୁ ମୁଣ୍ଡ କରି ତଳ ଆଖି ପତାକୁ ହାଲୁକା ଟାଣି ଆଇଡ୍ରପ୍ ପକାଇବା ଉଚିତ । ଡ୍ରପ୍ ପକାଇବା ସମୟରେ ଡ୍ରପର ଆଖିକୁ ଯେପରି ସ୍ପର୍ଶ ନ କରେ ତାହା ଧ୍ୟାନ ଦେବା ଦରକାର। ଡ୍ରପ୍ ପକାଇବା ପରେ ତୁରନ୍ତ ଆଖିକୁ ବନ୍ଦ କରିବା ହିତକର।

ଫ୍ୟାଟ୍ ୱାଲେଟ୍ ସିଣ୍ଡ୍ରୋମ

ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ସମୟ ପଛ ପକେଟ୍‌ରେ ପର୍ସ ବା ୱାଲେଟ୍ ରଖିଥାନ୍ତି । ହେଲେ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦୀର୍ଘ ସମୟ ଅଫିସ୍‌ରେ ରହିବା ତଥା ଗାଡ଼ି ଚଳାଇବା ସମୟରେ ପଛ ପକେଟ୍‌ରେ ପର୍ସ ରଖିବା ଦ୍ୱାରା ଏହା ଆଳାଣତରେ ହାଡ଼ ଏବଂ ମାଂସପେଶ

ଧାରୁକ୍ଷ ସମାଗୁରୁ

ସମ୍ପାଦକୀୟ...

ଗୁରୁବାର ୫ ନଭେମ୍ବର ୨୦୨୬

ଜନସଂଖ୍ୟା ନୀତିର ପ୍ରକୃତ ସତ୍ୟ ଓ ଭବିଷ୍ୟତ ସୌଭାଗ୍ୟ ରଂଜନ ମହାନ୍ତି



ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁଙ୍କ ଦ୍ୱାରା ନିଜତରେ ଘୋଷଣା କରାଯାଇଥିବା ନୂତନ ଜନସଂଖ୍ୟା ପରିଚାଳନା ନୀତି ଏବଂ ଅଧିକ ସନ୍ତାନ ଜନ୍ମ ଲଭେ ନଗଦ ଅର୍ଥରାଶି ପ୍ରଦାନ କରିବାର ନିଷ୍ପତ୍ତି ସମଗ୍ର ଦେଶରେ ଏକ ଭିନ୍ନ ଏବଂ ଗମ୍ଭୀର ବିତର୍କ ସୃଷ୍ଟି କରିଛି, ଯାହା ଭାରତର ପାରମ୍ପରିକ ପରିବାର ନିୟନ୍ତ୍ରଣ ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବାକୁ ଚେଷ୍ଟା କରୁଛି । ଗୋଟିଏ ସମୟରେ ଯେତେବେଳେ ଭାରତ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ 'ଆମେ ଦୁଇ ଆମର ଦୁଇ' କିମ୍ବା 'ଏକ ସନ୍ତାନ' ନୀତି ଉପରେ ଜୋର ଦେଇ ଆସୁଥିଲା, ସେତେବେଳେ ଜଣେ ବରିଷ୍ଠ ତଥା ଅଭିଜ୍ଞ ମୁଖ୍ୟମନ୍ତ୍ରୀଙ୍କର ଏଭଳି ଆଭିମୁଖ୍ୟ ସମସ୍ତଙ୍କୁ ଚକିତ କରିଛି । ମୁଖ୍ୟମନ୍ତ୍ରୀ ନାଇଡୁ ଶ୍ରୀକାକୁଲମ ଜିଲ୍ଲାର ନରସନ୍ନପେଟାଠାରେ ଆୟୋଜିତ ଏକ ଜନସଭାରେ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି ଯେ ତୃତୀୟ ସନ୍ତାନର ଜନ୍ମ ପାଇଁ ସରକାର ୩୦,୦୦୦ ଟଙ୍କା ଏବଂ ଚତୁର୍ଥ ସନ୍ତାନର ଜନ୍ମ ପାଇଁ ୪୦,୦୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବେ, ଯାହା ପୂର୍ବରୁ ଦ୍ୱିତୀୟ ସନ୍ତାନ ପାଇଁ ପ୍ରସ୍ତାବିତ ୨୫,୦୦୦ ଟଙ୍କାର ପ୍ରୋତ୍ସାହନଠାରୁ ଅଧିକ । ଏହି ନୀତି ପଛରେ ଥିବା ତାତ୍ପର୍ଯ୍ୟ ଓ ଆଶଙ୍କାକୁ ଦେଖିଲେ ଜଣାପଡେ ଯେ ଆନ୍ଧ୍ରପ୍ରଦେଶର ମୋଟ ପ୍ରଜନନ ହାର ବା ଟୋଟାଲ ଫର୍ଟିଲିଟି ରେଟ୍ (ଷଉର) ବିଗତ ବର୍ଷଗୁଡିକରେ ବହୁତ ହ୍ରାସ ପାଇଛି ଯାହା ୧୯୯୩ ମସିହାରେ ୩.୦ ଥିବାବେଳେ ବର୍ତ୍ତମାନ ମାତ୍ର ୧.୫ ରୁ ଖସି ଆସିଛି, ଯେଉଁଠି ଜନସଂଖ୍ୟାର ସବୁଜନ ରକ୍ଷା କରିବା ପାଇଁ ସର୍ବନିମ୍ନ ପ୍ରତିସ୍ଥାପନ ହାର ୨.୧ରହିବା ଆବଶ୍ୟକ । ମୁଖ୍ୟମନ୍ତ୍ରୀଙ୍କ ଜହିବା ଅନୁଯାୟୀ ଯଦି ଏହି ହାର କ୍ରମାଗତ ଭାବେ ହ୍ରାସ ପାଇ ଚାଲେ, ତେବେ ରାଜ୍ୟରେ କାର୍ଯ୍ୟକ୍ଷମ ବୟସର ବା ଯୁବ ଜନସଂଖ୍ୟା ବହୁ ପରିମାଣରେ କମିଯିବ ଏବଂ ବୃଦ୍ଧବୟସ୍କ ଜନସଂଖ୍ୟା ବୃଦ୍ଧି ପାଇବ, ଯାହା ସୁଦୂରପ୍ରସାରୀ ଅର୍ଥନୈତିକ ଅଭିବୃଦ୍ଧିକୁ ମନ୍ଥର କରିଦେବ । ଜାପାନ, ଦକ୍ଷିଣ କୋରିଆ ଏବଂ ଇଟାଲୀ ଭଳି ବିକଶିତ ଦେଶଗୁଡିକରେ ଦେଖାଦେଇଥିବା ଜନସଂଖ୍ୟା ହ୍ରାସ ଜନିତ ସଙ୍କଟ ଓ ଶ୍ରମିକ ଅଭାବର ଉଦାହରଣ ଦେଇ ସେ ବର୍ତ୍ତାଇଛନ୍ତି ଯେ ଭାରତ ତଥା ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ଏହି ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି । ଏହି ପରିପ୍ରେକ୍ଷୀରେ ସେ ପିଲାମାନଙ୍କୁ ପରିବାରର ବୋଝ ନଭାବି ଦେଶର ସମ୍ପତ୍ତି ଭାବେ ବିବେଚନା କରିବାକୁ ଆହ୍ୱାନ ଦେଇଛନ୍ତି, ଯାହା ଆଗାମୀ ଦିନରେ ଦେଶର ଶ୍ରମଶକ୍ତିକୁ ମଜବୁତ କରିବ । ଏହି ପ୍ରସ୍ତାବିତ ଜନସଂଖ୍ୟା ପରିଚାଳନା ନୀତି କେବଳ ଏକଜାଳୀନ ନଗଦ ଅର୍ଥ ପ୍ରଦାନ ମଧ୍ୟରେ ସୀମିତ ନୁହେଁ, ବରଂ ଏଥିରେ ପାଂଚ ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦୦ ଟଙ୍କାର ପୁଷ୍ଟିହାନଡା ସହାୟତା, ୧୮ ବର୍ଷ ପର୍ଯ୍ୟନ୍ତ ମାଗଣା ଶିକ୍ଷା, ମହିଳାମାନଙ୍କ ପାଇଁ ୧୨ ମାସର ମାତୃତ୍ୱ ଛୁଟି ଏବଂ ପିଲାଙ୍କ ପାଇଁ ଦୁଇ ମାସର ପିତୃତ୍ୱ ଛୁଟି ଭଳି ବ୍ୟାପକ ପୋଷଣ-ଶିକ୍ଷା-ସୁରକ୍ଷା ପ୍ୟାକେଜ ସାମିଲ କରାଯାଇଛି, ଯାହା ମାତୃତ୍ୱ, ଶକ୍ତି, କ୍ଷେମ, ନୈପୁଣ୍ୟ ଏବଂ ସାବନୀ ନାମକ ପାଂଚଟି ମୁଖ୍ୟ ସ୍ତମ୍ଭ ଉପରେ ଆଧାରିତ । ତେବେ ଏହି ନୀତିକୁ ନେଇ ଦେଶରେ ରାଜନୈତିକ ଓ ସାମାଜିକ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି, ଯେଉଁଠାରେ ସମାଲୋଚକ ଏବଂ ବିରୋଧୀ ଦଳଗୁଡିକ ଏହାକୁ ଏକ ଅବାସ୍ତବ, ତୁଘଲ ଏବଂ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାର ଏକ ରଣନୀତି ବୋଲି ଅଭିହିତ କରିଛନ୍ତି । ବିରୋଧୀଙ୍କ ମତରେ , ରାଜ୍ୟର ଆର୍ଥିକ ସ୍ଥିତିକୁ ବିଚାର ନକରି ଏଭଳି ବଡ ଧରଣର ନଗଦ ଅର୍ଥ ପ୍ରଦାନର ପ୍ରତିଶ୍ରୁତି ପୂରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଏବଂ ସରକାର ନିଜର ବିଫଳତାକୁ ଲୁଚାଇବା ପାଇଁ ଏଭଳି ବିତର୍କ ସୃଷ୍ଟି କରୁଛନ୍ତି । ଏହା ସହିତ ଏହି ପ୍ରଶ୍ନ ମଧ୍ୟ ଉଠୁଛି ଯେ ଯେଉଁଠି ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତିର ସୁଯୋଗ ସୀମିତ ରହିଛି, ସେଠାରେ କେବଳ ଆର୍ଥିକ ଲୋଭ ଦେଖାଇ ଅଧିକ ପିଲା ଜନ୍ମ କରିବା ପାଇଁ ପ୍ରୋତ୍ସାହିତ କରିବା କେତେଦୂର ଯୁକ୍ତିଯୁକ୍ତ କାରଣ ଅଧିକ ଜନସଂଖ୍ୟା ଅର୍ଥନୈତିକ ସମ୍ପତ୍ତି ହେବା ପରିବର୍ତ୍ତେ ଯଦି ଉପଯୁକ୍ତ ଶିକ୍ଷା ଓ ନିଯୁକ୍ତି ନପାଏ ତେବେ ତାହା ଦେଶ ପାଇଁ ବୋଝ ପାଲଟିଯିବାର ଆଶଙ୍କା ରହିଛି । ଅନ୍ୟପଟେ, ଏହି ଜନସଂଖ୍ୟା ନୀତି ପଛରେ ଲୁଚି ରହିଥିବା ସବୁଠାରୁ ବଡ କାରଣଟିକୁ ଜାଣତି ହେଉଛି ଆଗାମୀ ଦିନରେ ଦେଶରେ ହେବାକୁ ଥିବା ସଂସଦୀୟ ନିର୍ବାଚନ ମଣ୍ଡଳୀର ପୁନଃନିର୍ଦ୍ଧାରଣ ବା ଡିଲିମିଟେସନ୍ ପ୍ରକ୍ରିୟା ଯାହା ଜନସଂଖ୍ୟା ଆଧାରରେ ସ୍ଥିର କରାଯିବ । ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ବିତତ ଦଶନ୍ଧିଗୁଡିକରେ ସଫଳତାର ସହ ପରିବାର ନିୟନ୍ତ୍ରଣ ବୃଦ୍ଧି ପାଇଛି ଯାହାଦ୍ୱାରା ଆଗାମୀ ପୁନଃନିର୍ଦ୍ଧାରଣରେ ଦକ୍ଷିଣ ଭାରତର ସଂସଦୀୟ ଆସନ ସଂଖ୍ୟା ଜମିଯିବାର ଏବଂ ସେମାନଙ୍କର ରାଜନୈତିକ ପ୍ରତିନିଧିତ୍ୱ ତଥା କେନ୍ଦ୍ରୀୟ ପାଣ୍ଠି ବଣ୍ଟନରେ ପ୍ରଭାବ ହ୍ରାସ ପାଇବାର ଏକ ବଡ ଆଶଙ୍କା ରହିଛି । ତନ୍ତ୍ରବାବୁ ନାଇଡୁଙ୍କ ଏହି ପଦକ୍ଷେପକୁ ଆନ୍ଧ୍ରପ୍ରଦେଶର ମୁଖ୍ୟ ମୋହନ ଭାଗବତଙ୍କ ବିଚାରାଧାରା ସହିତ ମଧ୍ୟ ଯୋଡି ଦେଖାଯାଇଛି, ଯେଉଁଥିରେ ପ୍ରତିଟି ଭାରତୀୟ ପରିବାରରେ ଅତି କମରେ ତିନୋଟି ସନ୍ତାନ ରହିବା ଆବଶ୍ୟକ ବୋଲି କୁହାଯାଇଥିଲା । ଏହି ସମସ୍ତ ନୀତି ବାସ୍ତବରେ ଦେଶର ଭବିଷ୍ୟତ ଯୁବ କାର୍ଯ୍ୟକ୍ଷମ ବାହିନୀକୁ ସୁରକ୍ଷିତ କରିବାର ଏକ ଦୂର ଦୃଷ୍ଟିସମ୍ପନ୍ନ ପ୍ରୟାସ ନା ଏହା କେବଳ ପୁନଃନିର୍ଦ୍ଧାରଣ ରାଜନୈତିକ ପ୍ରଭାବକୁ ରୋକିବାର ଏକ ଆଂଚଳିକ ରଣନୀତି ଏବଂ ଏହାର ଆର୍ଥିକ କୋଷ, ରାଜ୍ୟ କୋଷାଗାର ଉପରେ କିଭଳି ପ୍ରଭାବ ପକାଇବ, ତାହା ଆଗାମୀ ସମୟରେ ହିଁ ସ୍ପଷ୍ଟ ହେବ, ମାତ୍ର ଏହା ଭାରତର ଜନସଂଖ୍ୟା ବିଜ୍ଞାନ ଏବଂ ନୀତି ନିର୍ଦ୍ଧାରଣକୁ ଏକ ନୂଆ ମୋଡ ଦେବଇ ଏଥିରେ କୌଣସି ସନ୍ଦେହ ନାହିଁ ।

ଓଟିପି ପ୍ଲିଜ୍ !

ଯେଉଁ ଏକ କ୍ଷୁଦ୍ର ଉପଦ୍ରବକାରୀ ଅଥଚ ଅନିମନ୍ତ୍ରିତ ହିତେଷୀ ହେବୁ ଜୀବନ ଆମର ଆଜି ଉତ୍ପାଡ଼ିନ, ସିଏ ହେଉଛି ଛଅ ଅଙ୍କ ବିଶିଷ୍ଟ ଗୋଟିଏ ଓଟିପି । ଫୋନ ଟାଇମ ପାସ୍‌ୱାର୍ଡ଼ ନାମକ ଏ ଉପଦ୍ରବୀଟି ପ୍ରକୃତରେ ପାସ୍‌ୱାର୍ଡ଼ ନୁହେଁ, ଏକ ପାସ୍ ନମ୍ବର । ମନୁଷ୍ୟକୁ ଗଣ୍ଡାର ବିଶ୍ୱାସ ସଙ୍କଟରେ ପକାଇ ଦେଇଥିବା ଗୋଟିଏ କ୍ଷୁଦ୍ର ସଂଖ୍ୟା । 'ଗୁଡ୍ ମର୍ଣ୍ଣିଂ' ବଦଳରେ ଦିନଚର୍ଯ୍ୟା ଆମର ଆରମ୍ଭ ହୁଏ 'ଗୁଡ୍ ଓଟିପି ମର୍ଣ୍ଣିଂ'ରୁ । ସକାଳୁ ଉଠୁଉଠୁ ପତ୍ନୀ କହିବେ ଅଟା ସରିଯାଇଛି, ଜଳଖିଆ ହେବ କେମିତି ? ଆପଣ ମୋବାଇଲ ଖୋଲି ଅନଲାଇନରେ ଅଟା ମଗାଇବେ। ଆବଶ୍ୟକ ହେବ ଗୋଟିଏ ଓଟିପିର । ବନ୍ଧୁ ମୋର ଜାଲି ଏୟାରପୋର୍ଟରେ ସିକ୍ୟୁରିଟି ଚେକିଂରେ ଥିବାବେଳେ ଆକାଉଣ୍ଟଂଟ ଡାଙ୍କର ଫୋନ୍ କରି କହିଲା, ସାର, ଜିଏସଟି ପେଠ କରୁଛି । ଆପଣଙ୍କ ଫୋନକୁ ଓଟିପି ଯାଇଥିବ, ସେଇଟି କୁହନ୍ତୁ । ରବିବାକୁ ଝିଅ ପାଖକୁ ଟଙ୍କା ପଠାଇବାକୁ ଫୋନ ଆପ୍ ଖୋଲିଲେ । ବରଜାର ହେଲା ଗୋଟିଏ ଓଟିପି । ଏଣେ ଫୋନରେ ଓଟିପିର ଦେଖା ନାହିଁ । ବଶ ସେଭେଣ୍ଟ ପରେ ଆଉଥରେ ନୂଆ ଓଟିପି ସ୍ପଟ୍ 'ରି-ସେଣ୍ଡ୍' ହେଲା । ଏତେବେଳକୁ ପ୍ରଥମ ଓଟିପି ଆସିଗଲା, କିନ୍ତୁ ମୋବାଇଲ ଆପ୍ ସେ ପୁରୁଣା ଓଟିପି ଆଉ ଗ୍ରହଣ ଜଲାନି । ଦ୍ୱିତୀୟ ଓଟିପିଟି ସେତେବେଳକୁ ମଝି ରାସ୍ତାରେ । ତିନି-ତାରି ଥରର ଉଦ୍ୟମ ପରେ ଓଟିପି ତ ସମୟ ଥାଉ ମିଳିଗଲା, ଏଥର ଆପ୍ କହିଲା 'ଭ୍ୟାପ୍‌ଡା' ପୂରଣ କର । ତେଡ଼ାମେଡ଼ା 'ଭାପ୍‌ଡା'କୁ ପଡ଼ି ପୂରଣ ଜଲାବେଳକୁ ପୁନଶ୍ଚ ନିର୍ଦ୍ଦେଶ: ଆପଣଙ୍କର ପାସ୍‌ୱାର୍ଡ଼ପୁରୁଣା ହୋଇଗଲି, ବଦଳାନ୍ତୁ । ସେଥିପାଇଁ ପୁଣିଥରେ ଆବଶ୍ୟକ ଓଟିପି । ସବୁକାମ ସରିବା ପରେ ଆଉଥରେ ଲଗଇନ୍ କର । ସେଥିପାଇଁ ମଧ୍ୟ ବରଜାର ଓଟିପି । ଟଙ୍କା ପଠାଇ ସାରିବା ବେଳକୁ ରବିବାକୁ ସଂପୂର୍ଣ୍ଣ ଝାଳନାଳ । ଜାଲି ପଡ଼ୋଶୀଙ୍କର ହୃଦ୍‌ଘାତ ହୋଇ ଚେତା ହଜିଗଲା । ଡାକ୍ତରଖାନାରେ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା ସତ୍ତ୍ୱିୟ କରିବାପାଇଁ ବରଜାର ହେଲା ଓଟିପି । ଫୋନ ରହିଛି ଘରେ, ତା' ପାସ୍‌ୱାର୍ଡ଼ ଜାହାରିକୁ ଜଣାନାହିଁ । ଅଗତ୍ୟା ଅଗ୍ରିମ ଅର୍ଥରାଶି ଜମା କରିବାକୁ ପଡ଼ିଲା । ଥରେ ଗାଁକୁ ଯାଇ ଭାରତୀୟାକୁ ଖୋଜିଲା ବେଳକୁ ସେ ଯାଇ ପାହାଡ଼ ଉପରେ ବସିଛି । ଜଣା ଜ'ଣ ନା ଗାଁରେ ନେଟୱାର୍କ ରହେନି, ପାହାଡ଼ ଚଢ଼ିଲେ ମିଳେ । ତଙ୍କିକିଆ ଡାଉନ ପାଇପାପାର୍ଡ଼ ଇ-ବ୍ୟୋରସି କରିବାକୁ ସେ ପାହାଡ଼ ଚଢ଼ି ଓଟିପିକୁ ଅପେକ୍ଷା କରିଛି । ଜାଲି ପୁଅ ମୋପାର୍ଡ଼ ଟ୍ୟାକ୍ସିଟିଏ ବୁକ୍ କରିବେଇ ଅପିସ ଡାକିଗଲା । ଟ୍ୟାକ୍ସି ଷ୍ଟାର୍ଟ କରିବା ବେଳକୁ ଡ୍ରାଇଭର ମାଗିଲା ଓଟିପି । ଏଣେ ପୁଅ ବାଙ୍ଗାଲୋରର ଭିଡ଼ରେ ଫସିରହି ଫୋନ୍ ଉଠାଉନି । ଓଟିପିଟା ତ ରହିଗଲା ତା' ଫୋନରେ ! ଅଗତ୍ୟା ଯାତ୍ରା ବାତିଲ କରି ଡ୍ରାଇଭର ଚାଲିଗଲା । ଉପରୋକ୍ତ ଘଟଣାମାନ ଆପଣଙ୍କ ଜୀବନରେ କେବେ ନା କେବେ ଅବଶ୍ୟ ଘଟିଥିବ । ଓଟିପି ଆଉ ନିରାପତ୍ତାର ବ୍ୟବସ୍ଥାଟିଏ ହୋଇ ରହିନାହିଁ ବରଂ ମାନବ ଧୈର୍ଯ୍ୟର ସୀମା ପରୀକ୍ଷା କରିବାକୁ ଡିଜିଟାଲ ଲୁକ୍ସମ ଭାବରେ ଉଭା ହେଲାଣି । ପ୍ରତିଟି ଦେଣନେଣ ବ୍ୟାପାରରେ ନିଜ ପରିଚୟର ପ୍ରମାଣ ଦେବାକୁ ଆମ ଦେଶରେ ଓଟିପି ଏକ ବିତିନ୍ନ ଡିଜିଟାଲ ବ୍ୟବସ୍ଥା । ଯାହାର ବ୍ୟବହାରକୁ ଏକଦା ଏକ ଡିଜିଟାଲ ଢାଲ ଭାବରେ ପୁରକ୍ଷା ପାଇଁ ଆରମ୍ଭ କରାଯାଇଥିଲା ତାହା ଏବେ ଅନାବଶ୍ୟକ ବିରକ୍ତିରେ ପରିଣତ ହେଇଣି । ଏସଏମଏସ ମାଧ୍ୟମରେ ଆସୁଥିବା ଅସଣ୍ଡିତ ଓଟିପିର ଆଗମନ ରାସ୍ତା ମଧ୍ୟ ସୁସମ ନୁହେଁ । ନେଟୱର୍କ ଜିତ, ବୁର୍ଜ ମୋବାଇଲ ସିଗନାଲ, ପ୍ରେରକର ସର୍ଭର ଡାଉନ ଓ ଆପ୍‌ରେ ସମସ୍ୟା ଇତ୍ୟାଦି ଏହାର ପଥରୋଧ କରି ଆମକୁ ପୁଣିଥରେ ସେଇ ପରିଶ ବର୍ଷ ତଳକୁ ଠେଲି ଦେଇଛି ଏବଂ ଗୋଟିଏ ଅପ୍ରାର୍ଥିତ ଉତ୍ପାଦକ ପାଲଟି ଯାଇଛି । ବେଳେବେଳେ ତ ସାମୁଏଲ ବେକେଟଙ୍କର 'ଓ୍ୱେଟିଂ ଫର୍ ଗୋଦୋ' ନାଟକରେ କେବେ ଆସୁ ନଥିବା ଗୋଦୋଙ୍କୁ ବିତି ଓ ଗୋଗୋର ପ୍ରତୀକ୍ଷା ପରି ଓଟିପି ଜଦାପି ଆସେନି କି ଆପଣଙ୍କ ପ୍ରତୀକ୍ଷାର ଅନ୍ତ ଘଟେନି । ଅନେକ କ୍ଷେତ୍ରରେ ଅନାବଶ୍ୟକ ମନେହୁଏ ଏ ବ୍ୟବସ୍ଥା । ଆର୍ଥିକ କାରବାରରେ ନିରାପତ୍ତା ବୃଦ୍ଧିରୁ ଏହାର ଆବଶ୍ୟକତାକୁ ତ ବୁଝିହୁଏ, ମାତ୍ର ଖାଦ୍ୟ ଓ ସାମଗ୍ରୀ ମଗାଇବା, ଗୋରୀକୁ ଡାକ୍ତରଖାନାରେ ଭର୍ତ୍ତି କରିବା, ଟ୍ୟାକ୍ସି ବୁଜି, ଅନଲାଇନରେ ଆସୁଥିବା ସାମଗ୍ରୀ ଗ୍ରହଣ, ରେଳ ଟିକଟ ବୁକି, ପ୍ରତୃଷର ପ୍ରମାଣ ପତ୍ର ପ୍ରସ୍ତୁତି, ସରକାରୀ ମଞ୍ଜିରେ ଶବ୍ଦ ବିନ୍ୟାସ ଇତ୍ୟାଦି ଶୂନ୍ୟ ବିପଦ ଥିବା କାର୍ଯ୍ୟରେ ଏହାର ବ୍ୟବହାର ସଂପୂର୍ଣ୍ଣ ଉଦ୍ଦତ ମନେହୁଏ । ଗାଁର ଲୋକ, ଏକାକୀ ରହୁଥିବା ବୟସ୍କମାନେ ଓଟିପି ଉପଦ୍ରବର ମାତ୍ରାଧିକ ଶିକାର, ଭାରତ ଗାଁରେ ନେଟୱର୍କ ସମସ୍ୟା ଥାଏ ଏବଂ ବୟସ୍କମାନେ ଏହାର ଠିକ୍ ? ପ୍ରଯୋଗ ଜାଣିଣି ଠକାମିରେ ପଡ଼ନ୍ତି । ବେଶ ଆମର ଡିଜିଟାଲ ଜାରବାରରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି କରିଛି ସତ, ମାତ୍ର ଆମେ ଆମର ସାଧାରଣ ଜନତାଙ୍କୁ ପଛରେ ଛାଡ଼ିଦେଉଛୁ । ସେମାନେ ସମୟ ସମୟରେ ଓଟିପି, ବ୍ୟାପ୍‌ଚା ଓ ପ୍ରମାଣୀକରଣ ଜନିତ ପ୍ରତିବନ୍ଧକର ଅଶ୍ରୁଜଳିରେ ଫସି ରହୁଛନ୍ତି ଏବଂ ପ୍ରଗାରଣାରେ ପଡ଼ି ସର୍ବସ୍ୱ ହରାଉଛନ୍ତି । ସୁରକ୍ଷା ନିଃସନ୍ଦେହରେ ସୁରୁତ୍ୱପୂର୍ଣ୍ଣ ମାତ୍ର ସୀମାତିରିକ୍ତ ସୁରକ୍ଷା ଜୀବନକୁ ସ୍ଲାଣୁ କରିଦେଉଛି । ପାଶ୍ଚାତ୍ୟ ଦେଶମାନଙ୍କରେ ଏସଏମଏସ ଆଧାରିତ ଓଟିପି ଅପେକ୍ଷାକୃତ ଗୌଣ କାର୍ଯ୍ୟରେ ବ୍ୟବହାର ହୁଏ । ବିପଦ ରହିଥିବା ବୈଦିକ କାର୍ଯ୍ୟ ପାଇଁ ସେମାନେ ବ୍ୟବହାର କରନ୍ତି 'ପୁସ୍ ବିଞ୍ଜସ୍ପି', 'ଥାର୍ଡଓ୍ୱେ ଜି' ଏବଂ 'ଆପ୍ ଆଧାରିତ ସତ୍ୟ ?ତ ଟୋକନ' ଇତ୍ୟାଦି । ଆମ ଦେଶରେ ସେହିପରି କିଛି ବ୍ୟବସ୍ଥା ଅଥବା ବାୟୋମେଟ୍ରିକ୍ ଆଧାରିତ ପ୍ରମାଣୀକରଣର ପ୍ରଚଳନ ହେବା ଉଚିତ ଯାହା ଫଳରେ ଓଟିପି ଉପଦ୍ରବରୁ ରକ୍ଷା ମିଳିବ । ଓଟିପି ଏମିତି ଏକ ବେଦନା ଯାହାର ବାସ୍ତବତା ହେଉଛି ପ୍ରଥମେ ତାକୁ ପାଇବା ପାଇଁ ପ୍ରାର୍ଥନା କର ଏବଂ ପରେ ଭୁଲାକ ରଖି ଭୁଲିଯିବାର ଙ୍କଳଜ୍ଞ ନିଅ । ହେ, ମୋର ନିତ୍ୟ ଅତିଥି ଓଟିପି ! "ତୁମ ନହିଁ ଜାତୀୟରେ ଉତ୍ସ ବର୍ତ୍ତ କି ହଜିକର / ଜିସମେଁ ପହଲେ ପାନେ କି, ଔର ଫିର ଭୁଲ ଜାନେ କି କୁଆ କି ଜାୟେ" । ଏହାର କବି କିଏ ପତାକରୁନି, ଜାଣିବାକୁ ପୁଣି ଗୋଟିଏ ଓଟିପି ବରଜାର ହେବ ।

ସନାତନର ସ୍ୱଗତୋକ୍ତି : ଯୁଦ୍ଧ ନିରନ୍ତର ଦାଶ ବେନହୁର

ଜୀବ ମାତ୍ରେ ଯୁଦ୍ଧ । ଯୁଦ୍ଧର ଜେତେଦେଖେତ ନାଆଁ । ଲଢ଼େଇ, ସଂଗ୍ରାମ, ବିଦ୍ରୋହ, ବିପ୍ଳବ । ମଞ୍ଜିଟିଏ ସଂଗ୍ରାମ ନ ଜଲେ ଖୋଲପା ଫଟେଇ ଅଙ୍କୁରୋତ୍ସମ ସମ୍ଭବ ହୁଏନା । ଖୋଷାରୁ ପ୍ରଜାପତି ବାହାରିଲାବେଳେ ତାକୁ ଆବରଣ ସହ ଲଢ଼େଇ କରି ବାହାରିବାକୁ ପଡ଼େ । ପଣ୍ଡିତ ଅବପ୍ରାକୁ ଆସିଯାଇଥିବା ଶାବକଟି ଜଠର ଭିତରେ ବିଦ୍ରୋହ ନ ଜଲେ ବାହାରିବ କେମିତି ? ଅତଏବ ଯୁଦ୍ଧ ନ ଥିଲେ ଜୀବନ ନାହିଁ । ତେବେ ତାହା ଜେଇଁ ଯୁଦ୍ଧ ଶୋଷଣର ଯୁଦ୍ଧ ନା ପୋଷଣର ଯୁଦ୍ଧ ? ଜୀବ ଯେ କୋଷା, ଅଣ୍ଡା, ଜଠର ବା ବୀଜରୁ ବାହାରେ ତାହା ଜୌଣସି ଶୋଷଣ ପାଇଁ ନୁହେଁ । ବୀଜ ସହ ଜୀବ ଜଥାଟି ଖୁବ୍ ନିବିଡ଼ ଭାବରେ ସଂପୃକ୍ତ । ସବୁ ଜୀବନ ମୂଳରେ ବାଜଟିଏ ଅବଶ୍ୟମ୍ଭାବୀ । ସେମିତି ସବୁ ଉଦ୍ଭାବନ ମୂଳରେ ଥାଏ ଜୁଟାଭାଷ, ଗୋତିଏ ଆପାତ ବୀଜ-ପ୍ରଶ୍ନ । ପ୍ରଶ୍ନ ନାହିଁ ତ ଅନ୍ୱେଷା ନାହିଁ, ଅନ୍ୱେଷା ନାହିଁ ତ ସଂଗ୍ରାମ ନାହିଁ । ପରିଣତି ନାହିଁ । ସ୍ୱୀକାର କରିବାକୁ ପଡ଼ିବ ଯେ ସଂଗ୍ରାମ ବା ଯୁଦ୍ଧ ମନିଷର ସହଜାତ । ଯେତେଯେତେ ଆବିଷ୍କାର ବା ଉଦ୍ଭାବନ ଅଛି ସେଥିରେ ଜଣେ ବା ଏକାଧିକ ବ୍ୟକ୍ତିଙ୍କର ବିଚାର-ମନ୍ଥନ ବା ସଂଗ୍ରାମ ନିଶ୍ଚିତ ଭାବରେ ନିହିତ । ସମୃହର ଜଲ୍ୟାଣ ପାଇଁ ଯେତେଯେତେ ଯୁଦ୍ଧ ବା ସଂଘର୍ଷ ସେ ସବୁ ପୋଷଣକାରୀ ଯୁଦ୍ଧ ମାତ୍ର ଜଣେ ବ୍ୟକ୍ତି ବା ଗୋଟିଏ ଗୋଷ୍ଠୀର ଅଙ୍ଗସିଦ୍ଧି ପାଇଁ ଯେତେ ଯେଉଁ ଲଢ଼େଇ ସେ ସବୁ ଶୋଷଣକାରୀ ଯୁଦ୍ଧ । ଯୁଦ୍ଧ ପୋଷଣକାରୀ କି ଶୋଷଣକାରୀ ତାହା ଏକ ନିରନ୍ତର ପ୍ରକ୍ରିୟା । ଯୁଦ୍ଧ ବିରତ୍ତନ, ଜହିଯାଏଠାରୁ ପୁରୁଣା । ବିଚାର ବିଚାରରେ ଯୁଦ୍ଧ, ଆହରଣ ଆହରଣରେ ଯୁଦ୍ଧ, ଭୂମିରେ ଭୂମିରେ ଯୁଦ୍ଧ । ଯୁଦ୍ଧ ଜେଇଁଠି ନାହିଁ ? ଯୁଦ୍ଧ ଜ'ଣ କେବଳ ଅସ୍ତ୍ରଶସ୍ତ୍ରରେ ହୁଏ ? ଜଣେ ଜଣେ ବ୍ୟକ୍ତିଙ୍କର ବିଚାର ଆଉ ବିଚାରକୁ ଭୁଲୁଣ୍ଠିତ କରିବା ସଜାଣେ ଜେତେ ଯେ ଯୁଦ୍ଧ ଜିଆଯାଇଛି ତା'ର ଇୟତା ନାହିଁ । ସାମ୍ୟବାଦର ବିଚାର ତ କହିଥିଲା- ସବୁ ଦିନେ ଲାଲ ହୋଇଯିବ । ମେ ଅନେକ ସମୟରେ ଭାରୁ, ଯୁଦ୍ଧ ମୂଳତଃ ରାଜନୈତିକ ପରିସୀମାକୁ ନେଇ ସଂଘଟିତ । ସବୁ ଯୁଦ୍ଧ ରାଜନୈତିକ ଜାହିଁକି ହେବ ? ଚ୍ରାହ୍ମଣ୍ୟଧର୍ମକୁ ଆସିବା । ଗୋଟାଏ ସମୟରେ ଏ ସଂପର୍କିତ ବିଚାର ପୂର୍ବ ଭାରତର ଗୋଟାଏ ବଡ଼ ଅଂଶକୁ ଖୁବ୍ ପ୍ରଭାବିତ କରିଥିଲା । ସେମିତି ଓଡ଼ିଶାରେ ଜାତ ମହିମାଧର୍ମ । ବିଚାର-ସଂଘାତ ମାଧ୍ୟମରେ ଆଜି ବି ଏ ମୂଲ୍ୟବୋଧ ତା'ର ସଂଗ୍ରାମ ଜାରି ରଖିଛି । ବର୍ଜାତ ବାବୁରୁଙ୍କ ମତରେ ପାଂଚଗୋଟି ଉପାଦାନ ଭିତରୁ ଯେ କୌଣସି ଗୋଟିଏକୁ ନେଇ ଯୁଦ୍ଧ ହୋଇପାରେ । ସେ ପାଂଚଗୋଟି ହେଲା- ମଣିଷ, ଅର୍ଥ, ସାଧନ, ଖାଦ୍ୟ ଓ ମୂଲ୍ୟବୋଧ ବା ନୀତିବୋଧ । ଯୁଦ୍ଧକୁ ଚିରନ୍ତନ ବୋଲି କହି 'ଆଗାମୀ ବିଶ୍ୱ' ସଂପର୍କରେ ପ୍ରେତଲ ବଟଲର ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି- ଯୁଦ୍ଧକୁ ବାସନ୍ତ କରି ଜିଛି ଲାଭ ନାହିଁ ଜାଣ ସେମିତି କରିବା ଚରମ ବୋକାମୀ । ସବୁ ଅସ୍ତ୍ରଶସ୍ତ୍ର ହାତରୁ ଛଡ଼େଇ ନେଲେ ବି ଦେଖାଯିବ ମଣିଷଗୁଡ଼ା ହାତାହାତିରେ ମାତିଛନ୍ତି । ଆଦିମ ମଣି





ଝାରସୁଗୁଡାରେ ୧୮ତମ ନିଯୁକ୍ତି ମେଳାରେ ୪୮ ଜଣ ନବନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତି ପତ୍ର ବଣ୍ଟନ



ଝାରସୁଗୁଡ଼ା,୪/୧୧(ନି/ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଖଣିଜ ପାଣ୍ଠି ସଂଗ୍ରିଳନୀ ଉଚ୍ଚାଠାରେ ୧୮ତମ ନିଯୁକ୍ତି ମେଳା ଅବସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକ ପାଇଁ ଆୟୋଜିତ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ୪୮ ଜଣ ନବନିଯୁକ୍ତ ଶିକ୍ଷକ (ସେବକ ଓ ସେବିକା)ଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ନିଯୁକ୍ତି ପତ୍ର ବଣ୍ଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତୁଳବନ୍ଧୁ ଭୋଇ ଯୋଗଦେଇ ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ। ନିଜ ବକ୍ତବ୍ୟରେ ସେ ଶିକ୍ଷାଦାନ କ୍ଷେତ୍ରରେ ଶାନ୍ତି, ଶୃଙ୍ଖଳା, ସମୟାନୁବର୍ତ୍ତିତା, ସଚ୍ଚୋଟତା, ସମ୍ବେଦନଶୀଳତା ଓ ଦାୟିତ୍ୱବୋଧକୁ ସର୍ବାଧିକ ପ୍ରାଥମିକତା ଦେଇ ନିଷ୍ଠା ଓ ଆନ୍ତରିକତାର ସହ ନିଜ କର୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଶିକ୍ଷାର୍ଥୀମାନଙ୍କୁ ସ୍ୱଚ୍ଛତା, ଶୈକ୍ଷିକ ପରିବେଶ ସୃଷ୍ଟି ସହ ନୈତିକ ଶିକ୍ଷା, ସାମାଜିକ ମୂଲ୍ୟବୋଧ ଓ ଜୀବନ ଦୌଶଳ ଆଧାରିତ ଶିକ୍ଷା ପ୍ରଦାନ ସହଜଣେ ମାର୍ଗଦର୍ଶକ, ପ୍ରେରଣାଦାତା ଓ ଆଦର୍ଶ ଶିକ୍ଷକ ଭାବେ ଶିକ୍ଷା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।ସମ୍ମାନିତ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ପି.ଡି., ଡି.ଆର.ଡି.ଏ.) ଏନ୍. ଆର.ଇଲିଡ ସୋରେଙ୍ଗ ଯୋଗଦେଇ ନବନିଯୁକ୍ତ ସେବକ ଓ ସେବିକାମାନଙ୍କ ଦାୟିତ୍ୱ ଓ କର୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଶୃଙ୍ଖଳା, ନିଷ୍ଠା, ସଚ୍ଚୋଟତା, କାର୍ଯ୍ୟଦକ୍ଷତା ଓ ଦାୟିତ୍ୱବୋଧ ସହିତ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ନବନିଯୁକ୍ତ କର୍ମଚାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାଜାଣି ବଳିୟାର ସିଂହ ଯୋଗଦେଇ ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସମୟାନୁବର୍ତିତା, ଶୃଙ୍ଖଳା ଓ ଉଚ୍ଚମ ଆଚରଣକୁ ନିଜ ଜୀବନରେ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ, ସବୁଜ, ସୁନ୍ଦର ଓ ଶିକ୍ଷା ଅନୁକୂଳ ରଖିବା ସହିତ ଛାତ୍ରଛାତ୍ରୀ, ବିଶେଷକରି ଛାତ୍ରାବାସରେ ରହୁଥିବା ଶିକ୍ଷାର୍ଥୀମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ସର୍ବଦା ଯତ୍ନବାନ ହେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଶିକ୍ଷାର୍ଥୀମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ ଓ ସମ୍ବେଦନଶୀଳ ଆଚରଣ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାଣା ଯୋଗଦେଇ ପ୍ରଧାନଶିକ୍ଷକଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା, ଶିଶୁ ସୁରକ୍ଷା ଆଇନର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ ରହିବା ଏବଂ ଛାତ୍ରାବାସରେ ରହୁଥିବା ଶିକ୍ଷାର୍ଥୀମାନଙ୍କ ସହ ନିୟମିତ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଶିକ୍ଷାର୍ଥୀମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ମାନସିକ ସୁସ୍ଥତା ପ୍ରତି ସର୍ବଦା ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମରେ ମଞ୍ଚକ ସମ୍ପୃକ୍ତାରତ ଅଧିକାରୀ, ଲକ୍ଷନପୁର ସୁଶ୍ରୀ ଜ୍ୟୋତ୍ସ୍ନା ରାଉତ୍ରିୟା ସଭାକାର୍ଯ୍ୟ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚକ ସମ୍ପୃକ୍ତାରତ ଅଧିକାରୀ, ଝାରସୁଗୁଡ଼ା ସୁଶ୍ରୀ ପଲ୍ଲିଶ୍ରୀ ପ୍ରାତିନ୍ଦ୍ୟା ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ସେକ୍ଟର ଅଫିସର ମିତାରାଣୀ ଠାକୁର, ବରିଷ୍ଠ ରାଜସ୍ୱ ସହାୟକ ଜ୍ୟୁତ୍ସା ପଟେଲ, ଜୁନ୍ତା ଗର୍ତ୍ତିଆ, ଜନିଷ୍ଠ ରାଜସ୍ୱ ସହାୟକ ଜନ୍ମେଜୟ ମଲ୍ଲହେର, କର୍ମଚାରୀ ବିନୟ କୁମାର ପାଣି, ଫଟ୍ସୁଲା ଭୋଇ ଙ୍କ ସମେତ ଜିଲ୍ଲା ମଞ୍ଚକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

ନିଆରା ଢଙ୍ଗରେ ବୃକ୍ଷରୋପଣ କରି ଦିବଙ୍ଗତ ପୁତ୍ରଙ୍କ ଜନ୍ମଦିନ ପାଳିଲେ ପୃଷ୍ଟି ଦମ୍ପତି



ସମ୍ବଲପୁର,୪/୧୧(ନି/ପ୍ର): ନାଚକକ୍ଷ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଫଳ ତାରା ରୋପଣ କରି ସେମାନେ ଦିବଙ୍ଗତ ପୁତ୍ରଙ୍କ ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଚ୍ଚଳର ଜୁନି ଜୁନି ଜନ୍ୟାରନ୍ଦ୍ର ଗହଣରେ ମିଷ୍ଟାନ୍ନ ବଣ୍ଟନ କରିବା ସହ ଅନ୍ୟ ବ୍ୟକ୍ତିମାନଙ୍କୁ ମଧ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିସହିତ ଉପହାର ସ୍ୱରୂପ ତାରା ବୃକ୍ଷ ପ୍ରଦାନ କରି ପରିବେଶ ସୁରକ୍ଷାର ଏକ ସୁନ୍ଦର ବାର୍ତ୍ତା ଦେଇଥିଲେ। ପୁତ୍ରଙ୍କ ସ୍ମୃତିକୁ ଅମର କରିବା ସହ ପରିବେଶ ସୁରକ୍ଷା ଓ ସାମାଜିକ ସେବାକୁ ଏକାଠି କରି ପୃଷ୍ଟି ଦମ୍ପତିଙ୍କ ଏହି ମହତ୍ୱକାର୍ଯ୍ୟ ସମାଜ ପାଇଁ ଏକ ପ୍ରେରଣାଦାୟୀ ଉଦାହରଣ ସୃଷ୍ଟି କରିଛି। ଏହି ମହତ୍ କାର୍ଯ୍ୟରେ ବିଶିଷ୍ଟ ସମାଜସେବୀ ତଥା ପ୍ରକୃତିବନ୍ଧୁ ଡଙ୍କର ଦଣ୍ଡୀଧର ଜଗ, ସମାଜସେବୀ ତଥା ପ୍ରକୃତିବନ୍ଧୁ ଙ୍କ. ଦେବାଶିଷ ସାହୁ, ପଣ୍ଡିତ ଶରତ ଚନ୍ଦ୍ର ରଥ, ଡେକରାଜ ପଣ୍ଡା, ସୁନୀତା ଗର୍ତ୍ତିଆ, ସତିବାନନ୍ଦ ପ୍ରଧାନ, ବଡୁଜୁଙ୍କ ଗର୍ତ୍ତିଆ, ତୁମୁକି ବୈଠାକୁ ଓ ଜିତେଶ ବୈଠାକୁ ପ୍ରମୁଖ ସହଯୋଗ କରିଥିଲେ।

ଜମି କ୍ଷତିପୂରଣ ଟଙ୍କା ମଞ୍ଜୁର ପାଇଁ ୫ ଲକ୍ଷ ଲାଂଚ

ଭିଜିଲାନ୍ସ ଜାଲରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ

ସମ୍ବଲପୁର,୪/୧୧(ନି/ପ୍ର):ଜମି ଅଧିଗ୍ରହଣ ବାବଦୀୟ କ୍ଷତିପୂରଣ ଅର୍ଥ ମଞ୍ଜୁର କରିବା ସହ ଭବିଷ୍ୟତରେ ବୃତୀୟ ରେଳ ଲାଇନ ପ୍ରକଳ୍ପରେ ଜମି ଅଧିଗ୍ରହଣ ସମୟରେ ଅନୁକୂଳ ସହଯୋଗ କରିବା ପ୍ରତିଶ୍ରୁତିରେ ଲାଂଚ ଦାବି କରି ଓଡ଼ିଶା ଭିଜିଲାନ୍ସ ଜାଲରେ ପଡ଼ିଚ୍ଛନ୍ତି ସମ୍ବଲପୁର-ଚାଇତେର ରେଳ ଲାଇନ ଦୋହରୀକରଣ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଅଜୟ କୁମାର ଗଡନାୟକ । ସୂଚନାନୁଯାୟୀ ଜଣେ ଜମି ମାଲିକଙ୍କୁ ଜମି ଅଧିଗ୍ରହଣ ବାବଦରେ ୮୪ ଲକ୍ଷ ୬୨ ହଜାର ୨୮୮ ଟଙ୍କାର କ୍ଷତିପୂରଣ ଅର୍ଥ ମଞ୍ଜୁର କରିବା ପାଇଁ ଅଭିଯୁକ୍ତ ଅଧିକାରୀ ଗଡ଼ନାୟକ ୫ ଲକ୍ଷ ୧୦ ହଜାର ଟଙ୍କା ଲାଂଚ ଦାବି କରିଥିଲେ। ଗତ ୨୬ ତାରିଖରେ ସେ ୨ ଲକ୍ଷ ଉଢ଼ଇତ ଟଙ୍କା ଗ୍ରହଣ କରିଥିବା ବେଳେ ବଇୟା ୩ ଲକ୍ଷ ୧୦ ହଜାର ଟଙ୍କା ତୁରନ୍ତ ଦେବାକୁ ଦାବି କରିଥିଲେ। ଏପରିକି ଅବଶିଷ୍ଟ ଟଙ୍କା ନବେଲ ଭବିଷ୍ୟତରେ ବୃତୀୟ ରେଳ ଲାଇନ ପ୍ରକଳ୍ପରେ ଜମି ଅଧିଗ୍ରହଣ ସମୟରେ ସହାୟତା ବଦଳରେ ସମସ୍ୟା ସୃଷ୍ଟି କରିବାକୁ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ଅଧିକାରୀ ଗଡ଼ନାୟକଙ୍କ ଏଭଳି ଚାପରେ ଅତିଷ୍ଠ ହୋଇ ଜମି ମାଲିକ ଜଣଙ୍କ ଭାଇ ହୋଇ ଜିଲ୍ଲା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଆଜି ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଯୋଜନା ବଦ୍ଧ ଭାବେ ପ୍ରଚ୍ଛଦପଟରେ ରହିଥିବା ବେଳେ ଜମି ମାଲିକ ଜଣଙ୍କ ଠାରୁ ଅଭିଯୁକ୍ତ ଅଧିକାରୀ ଅଜୟ କୁମାର ଗଡ଼ନାୟକ ବଇୟା ୩ ଲକ୍ଷ ୧୦ ହଜାର ଉଦ୍ଧାରଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଟଙ୍କା ସହ ଅଜୟ ଗଡ଼ନାୟକଙ୍କୁ ଧରିଥିଲା । ଘଟଣା ସ୍ଥଳରୁ ଭିଜିଲାନ୍ସ ସ୍ପାର୍ଚ ଗଡ଼ନାୟକଙ୍କ ନିକଟରୁ ଲାଂଚ ଟଙ୍କା ୩ ଲକ୍ଷ ୧୦ ହଜାର ଟଙ୍କା ମଧ ତୁରନ୍ତ ଜବତ କରିଥିଲେ। ଏହାପରେ ଆସବର୍ତ୍ତିତ ଧୃତ ଅଭିଯୁକ୍ତ ଅଧିକାରୀ ଗଡ଼ନାୟକଙ୍କ ସହ ସମ୍ପୃକ୍ତ ତିନୋଟି ସ୍ଥାନରେ ଏକଜାଳୀନ ତଲାସି ଜାରୀ ରହିଛି।

ଅବକାରୀ ବିଭାଗର ଚଢ଼ାଉ :

୧୨୫୦ ଲିଟର ମହୁଲି ପୋଚ୍ ଓ ୮୦ ଲିଟର ଦେଶୀ ମଦ ଜବତ ଓ ନଷ୍ଟ



ନବରଙ୍ଗପୁର,୪/୧୧(ନି/ପ୍ର): ଅବୈଧ ମଦ ପ୍ରସ୍ତୁତି ଓ କାରବାର ବିରୋଧରେ ଆଜି ସକାଳେ ରାଇଘର ତହସିଲ ଅନ୍ତର୍ଗତ ଜାଲିଆପଦର ଓ ଜଚରାପଡ଼ା ଗ୍ରାମରେ ମିଳିତ ଚଢ଼ାଉ କରାଯାଇଥିଲା । ରାଇଘର ତହସିଲଦାର, ରାଇଘର ଥାନା ଅଧିକାରୀ (ଓଓଇ), ବୃତ୍ତ ଅବକାରୀ ଅଧିକାରୀ ଏବଂ ଅନ୍ୟ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏହି ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ପ୍ରାୟ ୧୨୫୦ ଲିଟର ମହୁଲି ପୋଚ୍ ଓ ୮୦ ଲିଟର ଦେଶୀ ମଦ ଜବତ କରାଯାଇ ନଷ୍ଟ କରାଯାଇଛି । ଅବୈଧ ମଦ ପ୍ରସ୍ତୁତି ଓ ବିକ୍ରୟ ରୋକିବା ସହ ଏହାର ଭୂପରିଣାମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଏଭଳି ଚଢ଼ାଉ ଓ ଯାଂଚ ଅଭିଯାନ ଜାରି ରହିବ।

ଝାରସୁଗୁଡ଼ା ସହରର ରାସ୍ତା ସୁରକ୍ଷା ନେଇ ଚିନ୍ତା

ସ୍ଟ୍ରିଟ୍ ଲାଇଟ୍, ଟ୍ରାଫିକ୍ ନିୟନ୍ତ୍ରଣ ଓ ରାସ୍ତା ମରାମତି ଦାବି

ଝାରସୁଗୁଡ଼ା,୪/୧୧(ନି/ପ୍ର): ସହରରେ ରାସ୍ତା ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାକୁ ନେଇ ବଢୁଥିବା ସମସ୍ୟା ଏବେ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି। ବିଭିନ୍ନ ରାସ୍ତାରେ ସ୍ଟ୍ରିଟ୍ ଲାଇଟ ଅଭାବ, ଖରାପ ରାସ୍ତା, ବେଆଇନ ପାର୍କିଂ ଓ ଟ୍ରାଫିକ୍ ଅବ୍ୟବସ୍ଥା ଯୋଗୁଁ ରାତିରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ପୃକ୍ତ ଅଂଚଳଗୁଡ଼ିକରେ ରାତ୍ରିକାଳୀନ ସ୍ଥିତି ଅନୁଧ୍ୟାନ କରିବାକୁ ସମାଜସେବୀ ଗ୍ୟାନେନ୍ଦ୍ର ବେହେରା ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଏନେଇ ସେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସହରର ଭେତେକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଛନ୍ତି । ଜିଣାନ ଛକରୁ ପୁରୁଣା ବସ୍ତ୍ୟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ପର୍ଯ୍ୟାପ୍ତ ଷ୍ଟ୍ରିଟ୍ ଲାଇଟ ନଥିବାରୁ ରାତିରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ନବନିର୍ମିତ ଫ୍ଲାଏଓଭରର ପ୍ରବେଶ ଓ ପ୍ରସ୍ଥାନ ପଥରେ ଉପଯୁକ୍ତ ଆଲୋକ ବ୍ୟବସ୍ଥା ନଥିବା ସହ ଏହାର ନିକଟବର୍ତ୍ତୀ ରାସ୍ତାର ଅବସ୍ଥା ମଧ ଶୋଚନୀୟ ହୋଇପଡ଼ିଛି । ତୁରନ୍ତ ଆଲୋକୀକରଣ ଓ ରାସ୍ତା ମରାମତି ଆବଶ୍ୟକ ବୋଲି ସେ ଦାବି କରିଛନ୍ତି ।ଅନ୍ୟପକ୍ଷରେ ପ୍ରସନ୍ନ ପଣ୍ଡା ଛକରୁ ସବର ଥାନା ପର୍ଯ୍ୟନ୍ତ ରାସ୍ତାରେ ମଧ ଆଲୋକର ଅଭାବ ରହିଛି । ଏହି ରାସ୍ତାରେ ପୂର୍ବରୁ ଘଟିଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଆଲୋକ ବ୍ୟବସ୍ଥାକୁ ତୁରନ୍ତ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଜିଣାନ ଛକ ଏକ ପ୍ରମୁଖ ବାଣିଜ୍ୟିକ ଓ ପରିବହନ କେନ୍ଦ୍ର ହୋଇଥିବାରୁ ଏଠାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୂରଗାମୀ ବସ୍ ଚଳାଚଳ ଜାରୁଛି । ତେଣୁ ଏହି ଛକରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ କର୍ମଚାରୀ ନିୟୋଜନ, ବେଆଇନ ପାର୍କିଂ ଉପରେ ରୋକ ଓ ନିୟମିତ ଯାଂଚ୍ର ଆବଶ୍ୟକତା ରହିଛି । ଏଥିସହ ଛକରେ ଥିବା ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର, ରାସ୍ତାକଡ଼ରେ ଉପଯୁକ୍ତ ସ୍ଥାନରେ ବୃକ୍ଷରୋପଣ ଓ ଯାତାୟାତ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଦାବି କରିଛନ୍ତି ।

ଝାରସୁଗୁଡ଼ା ତହସିଲକୁ ଦୁଇ ଭାଗ ପାଇଁ ରାଜସ୍ୱ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ ଟଙ୍କଧର ତ୍ରିପାଠୀ

ଝାରସୁଗୁଡ଼ା,୪/୧୧(ନି/ପ୍ର):ଝାରସୁଗୁଡ଼ା ତହସିଲକୁ ଦୁଇଟି ପୃଥକ ତହସିଲରେ ବିଭାଜିତ କରିବା ପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଶନିବାର ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି। ବର୍ତମାନର ଝାରସୁଗୁଡ଼ା ତହସିଲ ଅଧୀନରେ ଝାରସୁଗୁଡ଼ା ବୃତ୍ତ ଏବଂ ଝାରସୁଗୁଡ଼ା ପୌରାଂଚଳ ଉଭୟ ଅନ୍ତର୍ଭୁକ୍ତ ରହିଛି । ଏହାର ଭୌଗୋଳିକ କ୍ଷେତ୍ରଫଳ ଅତ୍ୟନ୍ତ ବ୍ୟାପକ ହୋଇଥିବା ସହ ଜନଘଂଖ୍ୟା ମଧ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହି ଜାଗାରୁ ରାଜସ୍ୱ ସମ୍ବନ୍ଧୀୟ ସେବା ପାଇବାରେ ସାଧାରଣ ଜନସାଧାରଣଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତହସିଲ ପ୍ରଶାସନ ଉପରେ କାର୍ଯ୍ୟଭାର ଅଧିକ ରହୁଥିବାରୁ ଲୋକଙ୍କୁ ସମୟସୀମା ମଧରେ ସରକାରୀ ସେବା ଯୋଗାଇବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଧାୟକ ଶ୍ରୀ ତ୍ରିପାଠୀ ତହସିଲକୁ ଦୁଇଟି ସ୍ୱାଧୀନ ତହସିଲରେ ବିଭାଜନ କରିବାକୁ ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ପ୍ରଥମତଃ ଝାରସୁଗୁଡ଼ା ବୃତ୍ତ ଅଂଚଳକୁ ନେଇ ଏକ ତହସିଲ ଗଠନ ହେଲେ ଏହା କେବଳ ଝାରସୁଗୁଡ଼ା ବୃତ୍ତ ଅଧୀନରେ ଥିବା ଗ୍ରାମାଂଚଳଗୁଡ଼ିକର ରାଜସ୍ୱ କାର୍ଯ୍ୟ ତୁହିବ। ସେହିପରି ଦ୍ୱିତୀୟତଃ ଝାରସୁଗୁଡ଼ା ଟାଉନ୍ ତହସିଲ ହେଲେ ଏହା ଝାରସୁଗୁଡ଼ା ପୌରାଂଚଳ ଏବଂ ଏହାର ଆଖପାଖ ସହରାଂଚଳ ପାଇଁ କାର୍ଯ୍ୟ କରିବ। ବିଧାୟକ ଶ୍ରୀ ତ୍ରିପାଠୀଙ୍କ କହିବା ଅନୁଯାୟୀ, ଏହି ପ୍ରସ୍ତାବିତ ବିଭାଜନ ଦ୍ୱାରା ପ୍ରଶାସନିକ କାର୍ଯ୍ୟଭାର ହ୍ରାସ ପାଇବ, ଜମିଜମା ସମ୍ବନ୍ଧୀୟ ମାମଲାର ଶୀଘ୍ର ନିଷ୍ପତି ହୋଇପାରିବ ଏବଂ ସରକାରୀ ସେବା ସହଜରେ ଲୋକଙ୍କ ପାଖରେ ପହଂଚି ପାରିବ। ଏହା ପ୍ରଶାସନିକ ବିକେନ୍ଦ୍ରୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ ଦର୍ଶାଇଛନ୍ତି। ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସମ୍ବନ୍ଧରେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ଲେଖିଥିବା ଚିଠିରେ ରାଜସ୍ୱ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।


ମହାସମାଧାନ ଶିବିର ଅନୁଷ୍ଠିତ

ମୋଟ୍ ୯୧ଟି ଅଭିଯୋଗ ପଞ୍ଜୀକୃତ, ୧୪ଟିର ତୁରନ୍ତ ଫଇସଲା

ଝାରସୁଗୁଡ଼ା,୪/୧୧(ନି/ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ କୁଣାଲ ମୋଡିରାମ ଚହ୍ୱାଣଙ୍କ ଅଧକ୍ଷତାରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପିଡି (ଆର୍ଆଣ୍ଡଆର) ଲକ୍ଷିତ ସୋରେଙ୍ଗ, ଉପ-ଜିଲ୍ଲାପାଳ ସତ୍ୟସାବୀ ପଣ୍ଡା, ସିଡିଏମ୍ ଏଣ୍ଡ ପିଏଚ୍ଓ ଡାଭର ଶକ୍ତି ପାଢ଼ୀ, ଜିଲ୍ଲା କୃଷି ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଆଜିର ଏହି ଶୁଣାଣି ଶିବିରରେ ମୋଟ ୯୧ଟି ଅଭିଯୋଗ ପତ୍ର ବାଖଲ ହୋଇଥିଲା । ସେଥିମଧ୍ୟରୁ ୭୦ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୨୧ଟି ସାମୂହିକ ବା ଗ୍ରାମବାସୀଙ୍କ ସମସ୍ୟା ସମ୍ବନ୍ଧିତ ଅଭିଯୋଗ ରହିଥିଲା । ଶିବିରରେ ହିଁ ୧୪ଟି ଗୁରୁତ୍ୱପୂର୍ଣ୍ଣ ଆବେଦନର ତୁରନ୍ତ ସମାଧାନ କରାଯାଇଥିଲା । ଏଥିସହ ଜଣେ ଅସହାୟ ବିଧାବ୍ୟକ୍ତିଙ୍କୁ ରେଡକ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଶିବିରରେ ମୁଖ୍ୟତଃ ସରକାରୀ ଜମି ଜବରଦଖଲ ଉଚ୍ଛେଦ, ଜାରଖାନା ନିର୍ଗତ ପ୍ୟାଏ ଆସ୍ ସମସ୍ୟା, ସରକାରୀ ଜମି ପଟ୍ଟା ଆଦ୍ଦଂତ, ବିପ୍ଳାପନ ଏବଂ ଅଭ୍ୟାନ, ସ୍ଥାନୀୟ ନିଯୁକ୍ତି, ସୌର ଶକ୍ତି ବ୍ୟବସ୍ଥା, ଭିନ୍ନକ୍ଷମ ଭତା, ଜମି ବିବାଦ, ରାସ୍ତା ନିର୍ମାଣ ଓ ମରାମତି ଏବଂ ଜମି ସୀମା ନିର୍ଦ୍ଧାରଣ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଲୋକେ ନିଜର ଦାବି ଉପସ୍ଥାପନ କରିଥିଲେ। ଲୋକଙ୍କ ସମସ୍ୟାକ



ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଇଣ୍ଡିଆନ ଫୁଟବଲ ଲିଗ୍ ୨୦୨୬-୨୭ ଆଜିଠୁ



ରାଉରକେଲା,୪/୧୧(ନି/ପ): ୨୦୨୬ ନଭେମ୍ବର ୫ ତାରିଖରୁ ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଶୁଭାରମ୍ଭ ହେଉଛି ଇଣ୍ଡିଆନ୍ ଫୁଟବଲ୍‌ଲିଗ୍ ୨୦୨୬-୨୭। ଏହା ୨୦୨୭ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆଜି ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ସମଲେଶ୍ୱରୀ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ନଭେମ୍ବର ୫ ତାରିଖ ସନ୍ଧ୍ୟା ୬ଟା ୩୦ ସମୟରେ ଓଡିଶାର ସମଲେଶ୍ୱରୀ ସ୍ପୋର୍ଟିଂ ଡେମ୍ପୋ ଝର ବିପକ୍ଷରେ ସେମାନଙ୍କର ପ୍ରଥମ ଇଣ୍ଡିଆନ ଫୁଟବଲ୍ ଲିଗ୍ (ଓଉଖ) ମ୍ୟାଚ୍ ଖେଳିବ। ଆଜିର ସାମ୍ବାଦିକ ସମ୍ମିଳନୀରେ ସମଲେଶ୍ୱରୀ ସ୍ପୋର୍ଟିଂର ମୁଖ୍ୟ ପ୍ରଶିକ୍ଷକ ଅବଦୁଲ ଅଜିମ୍ ସିଦ୍ଦିକ୍ ଏବଂ ମିଡଫିଲ୍ଡର ଅମରଜିତ ସିଂହ ଜିଆମ୍ ଗଣମାଧ୍ୟମକୁ ସମ୍ବୋଧିତ କରି ଦଳର ପ୍ରସ୍ତୁତି ସହିତ ଚୌକଜାତ ପ୍ରସ୍ତୁତି ଏବଂ ପଶ୍ଚିମ ଓଡିଶାରେ ସ୍ଥାନୀୟ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। 'ସମଲେଶ୍ୱରୀ ସ୍ପୋର୍ଟିଂ' ହେଉଛି ଓଡ଼ିଶାର ପ୍ରଥମ ଦଳ ଯିଏକି ଇଣ୍ଡିଆନ୍ ଫୁଟବଲ୍ ଲିଗ୍ ?ରେ ଅଂଶଗ୍ରହଣ କରିଛି। ସମଲେଶ୍ୱରୀ ସ୍ପୋର୍ଟିଂ ସହିତ ନିଜକୁ ଜଡିତ କରି ଓଡ଼ିଶାରେ ଫୁଟବଲ୍ ବିକାଶ ପାଇଁ କାମ କରିବା ତାଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି ସମଲେଶ୍ୱରୀ ସ୍ପୋର୍ଟିଂର ମୁଖ୍ୟ ପ୍ରଶିକ୍ଷକ ଅବଦୁଲ ଅଜିମ୍ ସିଦ୍ଦିକ୍। ସେ କହିଛନ୍ତି ଯେ ଦଳରେ ୧୦ ଜଣ ଓଡ଼ିଆ ଖେଳାଳି ଅଛନ୍ତି ଯେଉଁଥିରୁ ୫ ଜଣ ସମ୍ବଲପୁରର। ଏଥିସହିତ ୫ ଜଣ ବିଦେଶୀ ଖେଳାଳି ମଧ୍ୟ ଅଛନ୍ତି। ସେ ସମଲେଶ୍ୱରୀ ସ୍ପୋର୍ଟିଂ ଦଳକୁ ପ୍ରଶିକ୍ଷକ ଭାବେ ପାଇ ଭାଗ୍ୟବାନ ଯେ ଏଥିରେ ୧୪ ଜଣ ଖେଳାଳି ଅଛନ୍ତି, ଯେଉଁମାନେ ଭାରତୀୟ ଜାତୀୟ ଦଳର ପ୍ରତିନିଧିତ୍ୱ କରିଛନ୍ତି। ଏହାକୁ ସମର୍ଥନ କରି ସମଲେଶ୍ୱରୀ ସ୍ପୋର୍ଟିଂ ଦଳର ଅମରଜିତ ସିଂହ ଜିଆମ କହିଥିଲେ ଯେ, ଦଳକୁ ସମର୍ଥନ କରି ଏଠାକୁ ଆସିବା ପାଇଁ ସମସ୍ତଙ୍କୁ ଧନ୍ୟବାଦ। ଷ୍ଟାଡିୟମରେ ଦର୍ଶକଙ୍କ ସମର୍ଥନ ଦଳକୁ ପଡ଼ିଆରେ ପ୍ରଦର୍ଶନ କରିବାକୁ ବେଶ୍ ପ୍ରେରଣା ଦେବ ଏବଂ ସମଲେଶ୍ୱରୀ ସ୍ପୋର୍ଟିଂ ପାଇଁ ସକାରାତ୍ମକ ଫଳାଫଳ ଦେବ। ଏହି ସାମ୍ବାଦିକ ସମ୍ମିଳନୀରେ ସମଲେଶ୍ୱରୀ ସ୍ପୋର୍ଟିଂର ଅଧ୍ୟକ୍ଷ ତଥା ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ କହିଥିଲେ ଯେ, ସମଲେଶ୍ୱରୀ ସ୍ପୋର୍ଟିଂ ଓଡ଼ିଶାର ଏକମାତ୍ର ଫୁଟବଲ ଦଳ ଯେଉଁଥିରେ ରାଉରକେଲା ତଥା ସୁନ୍ଦରଗଡ଼ର ଖେଳାଳି ମଧ୍ୟ ଅଛନ୍ତି। ରାଉରକେଲାର ଦର୍ଶକ ବହୁସଂଖ୍ୟାରେ ଉପସ୍ଥିତ ହୋଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଆସନ୍ତା ଜାନି ଗୁରୁବାର ସନ୍ଧ୍ୟା ୬ଟା ୩୦ ସମୟରେ ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍ ବନାମ ଡେମ୍ପୋ ଏସସି ମଧ୍ୟରେ ଇଣ୍ଡିଆନ୍ ଫୁଟବଲ୍ ଲିଗ୍ (ଓଉଖ)ର ପ୍ରଥମ ଫୁଟବଲ୍ ମ୍ୟାଚ ଅନୁଷ୍ଠିତ ହେବ। ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଏହି ମ୍ୟାଚ ଦେଖିବାକୁ ଟିକେଟର ମୂଲ୍ୟ ୫୦ ଟଙ୍କା ଏବଂ ୨୦୦ ଟଙ୍କା ରଖାଯାଇଛି ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସମଲେଶ୍ୱରୀ ସ୍ପୋର୍ଟିଂର ଅଧ୍ୟକ୍ଷ (ଡେପୁଟେସମ୍ୟାନ) ଜୟନାରାୟଣ ମିଶ୍ରଙ୍କ ସମେତ ଖେଳାଳି ଅମରଜିତ ସିଂ ଜିଆମ୍ (ମଣିପୁର), ପ୍ରମୁଖ ପ୍ରଶିକ୍ଷକ ଅବଦୁଲ ଅଜିମ୍ ସିଦ୍ଦିକ୍, ବିଶେଷ ପଦ୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଏନ୍‌ଆଇଟି ରାଉରକେଲାରେ ୧୭ତମ ଓଡ଼ିଶା ପରିବେଶ କଂଗ୍ରେସ ଉଦ୍‌ଘାଟିତ

'ପରିବେଶ ଓ ପ୍ରଯୁକ୍ତି' - ଗବେଷଣା ଭିତିକ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ



ରାଉରକେଲା,୪/୧୧(ନି/ପ): ଜାତୀୟ ପ୍ରୌଦ୍ୟୋଗିକ ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାରେ ଆଜି ୧୭ତମ ଓଡ଼ିଶା ପରିବେଶ କଂଗ୍ରେସ (ଓଇସି) ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ତିନି ଦିନିଆ ଏହି କଂଗ୍ରେସ ୩ ନଭେମ୍ବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବେଶର ବିଭିନ୍ନ ସ୍ଥାନରୁ ଆସିଥିବା ବୈଜ୍ଞାନିକ, ଗବେଷକ, ନୀତି ନିର୍ଦ୍ଧାରକ, ପରିବେଶବିତ୍, ଶିଳ୍ପ ପ୍ରତିନିଧି ଏବଂ ଛାତ୍ରଛାତ୍ରୀ ଏକାଠି ହୋଇଛନ୍ତି। ଚଳିତ ବର୍ଷର ବିଷୟ ରହିଛି "ପରିବେଶ ଓ ପ୍ରଯୁକ୍ତି"। ପ୍ରଯୁକ୍ତିର ଅଗ୍ରଗତିକୁ କିପରି ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ପାଇଁ ବ୍ୟବହାର କରାଯାଇପାରିବ, ସେ ନେଇ ଏଥିରେ ବିସ୍ତୃତ ଆଲୋଚନା ହେବ। ଓଡ଼ିଶାର ପୁର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି, ଆଇଏଏସ୍ ମୁଖ୍ୟ ଅତିଥି ଭାବେ କଂଗ୍ରେସକୁ ଉଦ୍‌ଘାଟନ କରିଥିବା ବେଳେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଜମାମହେଶ୍ୱର ରାଓ ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ଦିଆଇଆଇଆର୍ ଅଡିଟୋରିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାରା ଗଛରେ ଜଳ ଦେଇ ପ୍ରତୀକାତ୍ମକ ଭାବେ କଂଗ୍ରେସର ଶୁଭାରମ୍ଭ କରାଯାଇଥିଲା। ସମାବେଶକୁ ସମ୍ବୋଧନ କରି ଶ୍ରୀ ପତି କହିଥିଲେ ଯେ, ପରିବେଶକୁ କ୍ଷତି ନ ପହଞ୍ଚାଇ ଆର୍ଥିକ ବିକାଶ ହାସଲ କରିବା ପାଇଁ ଗବେଷଣା ଏବଂ ପ୍ରଯୁକ୍ତିଗତ ନବସୃଜନ ଅତ୍ୟନ୍ତ ଜରୁରୀ। ନବୀକରଣଯୋଗ୍ୟ ଶକ୍ତି, ବିଶେଷ କରି ସୌରଶକ୍ତି କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ସେ ପ୍ରଶଂସା କରିଥିଲେ। ଏହା ସହ ଶକ୍ତି ସଂରକ୍ଷଣ, ସ୍ଥାୟୀ କୃଷି ପଦ୍ଧତି ଏବଂ ଗବେଷଣାରେ ଅଧିକ ନିବେଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ। "ଆଜି ଆମ ଜି ନିବେଶ ବଢ଼ାଇବାର ଜୌଣସି ବିକଳ୍ପ ନାହିଁ," ବୋଲି ଶ୍ରୀ ପତି କହିଥିଲେ। ସ୍ଥାୟୀ ପ୍ରଯୁକ୍ତିର ବିକାଶ ଏବଂ ବ୍ୟବହାରରେ ଶିଳ୍ପ ଫଂସ୍ଥାମାନଙ୍କର ଅଧିକ ଅଂଶଗ୍ରହଣ ପାଇଁ ସେ ଆହ୍ୱାନ ଦେଇଥିଲେ। ଏନ୍‌ଆଇଟି ରାଉରକେଲାରେ ଏକ ସ୍ଥାୟୀ ପରିବେଶ ନବସୃଜନ ସେଲ୍ (ଉଭଙ୍ଗସଂକ୍ରଭଜ୍ଞରଭଜ୍ଞ ଓଭଭଜ୍ଞଙ୍କଗଞ୍ଜସଂକଭ ଉରଭକ୍ଷ) ପ୍ରତିଷ୍ଠା କରିବାକୁ ମଧ୍ୟ ସେ ପ୍ରସ୍ତାବ ଦେଇଥିଲେ। ଏହି ସେଲ୍ ପରିବେଶ ଗବେଷଣାକୁ ନିୟମିତ ଭାବେ ତଦାରଖ କରିବ, କାର୍ଯ୍ୟକାରୀ ସୁପାରିଶ ପ୍ରସ୍ତୁତ କରିବ ଏବଂ ପରିବେଶ ସମସ୍ୟାର ସମାଧାନ ପାଇଁ ନୀତି ନିର୍ଦ୍ଧାରକମାନଙ୍କୁ ସହାୟତା କରିବ ବୋଲି ସେ କହିଥିଲେ। ସଭାପତିତ୍ୱ ଅଭିଭାଷଣରେ ନିର୍ଦ୍ଦେଶକ ପ୍ରଫେସର ରାଓ ପରିବେଶ ସଚେତନତା ଏବଂ ବାସ୍ତବ ବ୍ୟବହାରରେ ପରିବର୍ତ୍ତନ ମଧ୍ୟରେ ଥିବା ଫାଙ୍କ ଉପରେ ଚିନ୍ତା ପ୍ରକାଶ କରିଥିଲେ। ଅନୁଷ୍ଠାନର ସବୁଜ କ୍ୟାମ୍ପସ୍ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟ ହ୍ରାସ ପାଇଁ ଚାଲିଥିବା ପ୍ରୟାସ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ଆଲୋଚନା ଓ ଙ୍କଳ୍ପରେ ସୀମିତ ରହିଲେ ହେବ ନାହିଁ, ଏଥିପାଇଁ ବ୍ୟକ୍ତିଗତ ପ୍ରତିବଦ୍ଧତା ଦରକାର। 'ଆସନ୍ତୁ, ଆମ କ୍ୟାମ୍ପସ୍‌କୁ ପ୍ଲାଷ୍ଟିକ୍ ମୁକ୍ତ କରିବା," ବୋଲି ସେ ଆହ୍ୱାନ ଦେଇଥିଲେ। ଜଳାଶୟ ସୃଷ୍ଟି ଓ ଙ୍କରଣ, ଜୀ-ମୁକ୍ତ ବିଦ୍ୟ ପାଳନ ଏବଂ ପ୍ରତୁଷ୍ଣ ହ୍ରାସ କରୁଥିବା ଦୈନନ୍ଦିନ ଅଭ୍ୟାସ ଭଳି ବ୍ୟବହାରିକ ପଦକ୍ଷେପ ନେବାକୁ ସେ କ୍ୟାମ୍ପସ୍ ସମୁଦାୟକୁ ପରାମର୍ଶ ଦେଇଥିଲେ। ଯୁବ ଯନ୍ତ୍ରୀ ଓ ଗବେଷଣାମାନଙ୍କୁ ପରିବେଶ ଆହ୍ୱାନକୁ ବାଧା ଭାବେ ନ ଦେଖି ନବୀନ ସମାଧାନ ବାହାର କରିବାକୁ ସେ ଉତ୍ସାହିତ କରିଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ଅଧ୍ୟକ୍ଷ ଅରବିନ୍ଦ ବେହେରା, ଆଇଏଏସ୍ (ଅବସରପ୍ରାପ୍ତ) କହିଥିଲେ ଯେ, ପ୍ରଯୁକ୍ତିଗତ ଓ ଆର୍ଥିକ ଅଗ୍ରଗତିର କେନ୍ଦ୍ରରେ ପରିବେଶର ଅଖଣ୍ଡତା ରହିବା ଦରକାର। କୃତ୍ରିମ ବୃକ୍ଷରୋପଣ କେବେ ବି ପ୍ରାକୃତିକ ଜଙ୍ଗଲର ସ୍ଥାନ ନେଇପାରିନି ବୋଲି ସେ ସତର୍କ କରାଇ କହିଥିଲେ ଯେ, ପରିବେଶ ସଂରକ୍ଷଣର ଲକ୍ଷ୍ୟ ହେବା ଉଚିତ୍ ବାସ୍ତୁଚକ୍ରର କ୍ଷତିକୁ ରୋକିବା। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ ଆୟୋଜକ ତଥା ଫ୍ୟାକଲ୍ଟ ପ୍ରଫେସର ହିମାଂଶୁ ଭୂଷଣ ସାହୁ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ଜଳ ଅଭାବ ଏବଂ ଜୈବ ବିବିଧତା ହ୍ରାସ ଭଳି ବଢ଼ୁଥିବା ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ। ଶିଳ୍ପ ଫଂସ୍ଥାମାନେ କେବଳ ନିୟମ ପାଳନରେ ସୀମିତ ନ ରହି ଆଖପାଖ ଅଞ୍ଚଳର ପରିବେଶ ଉନ୍ନତିରେ ଯୋଗଦାନ କରିବା ଉଚିତ୍ ବୋଲି ସେ କହିଥିଲେ।

ସୁନ୍ଦରଗଡ଼ ବ୍ୟାଙ୍କ ଡକାୟତି ଉଦ୍ୟମ ମାମଲା : ୩ ଗିରଫ



ସୁନ୍ଦରଗଡ଼,୪/୧୧(ନି/ପ): ପେସାରେ ଛାତ୍ର ଜିଲ୍ଲୁ ଜାମ ଲୁହ। ବନ୍ଧୁକ ମୁନରେ ବ୍ୟାଙ୍କ ଲୁଟ୍ କରି ଫେରାର ମାରିବା ବେଳେ ପୋଲିସ ହାତରେ ଧରା ପଡିଲା ଜଲଜ୍ଜ ପଦ୍ମୋ ଛାତ୍ର । ହାତରେ ବହି-ଖାତା ବଦଳରେ ପିସ୍ତଲ, ଆଉ ଜଲଜ୍ଜ ଛାସରୁମ୍ ବଦଳରେ ବ୍ୟାଙ୍କରେ ଡକାୟତି ! ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏଭଳି ଏକ ଚାଂଚଲ୍ୟକର ଘଟଣା ସାମ୍ପ୍ରତିକ ସମୟରେ ସୁନ୍ଦରଗଡ଼ ଜିଲ୍ଲାରୁ ପ୍ରକାଶ ପାଇଛି। ପେଶାରେ ଛାତ୍ର ହେଲେ ବି ଜାନ ଥିଲା ବନ୍ଧୁକ ମୁନରେ ବ୍ୟାଙ୍କ ଲୁଟ୍ କରିବା । ଜବାବାହାଲ ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ପୂର୍ବରୁ ଲକ୍ଷାଧିକ ଟଙ୍କା ଲୁଟି ଫେରାର ହୋଇଯାଇଥିବା ଏହି ଛାତ୍ର ଜଙ୍କର ଦ୍ୱିତୀୟ ଥର ପାଇଁ ସମାନ ଜଙ୍କାରେ ଲୁଟ୍ ଉଦ୍ୟମ କରୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଛି। ଘଟଣାଟି ହେଉଛି ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଜବାବାହାଲ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର। ବିନ ଦ୍ୱିପହରରେ ବ୍ୟାଙ୍କ କର୍ମଚାରୀମାନେ ଭିତରେ ଟଙ୍କା ଗଣତି କରୁଥିବା ବେଳେ ପଛପଟ ଝରକା ଜାଡ ଭାଙ୍ଗି ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲା ଜଣେ ଦୁର୍ବୃତ୍ତ। ହାତରେ ପିସ୍ତଲ ଦେଖାର ଜବାତ ଖୋଇବାକୁ କର୍ମଚାରୀମାନଙ୍କୁ ଦେଇଥିଲା ଜୀବନରୁ ମାରିଦେବାର ଧମକ। ମାତ୍ର ବ୍ୟାଙ୍କ ମ୍ୟାନେଜର ସ୍ମୃତିପ୍ରଭା ମହାଉଣ। ସାହସିକତା ଦେଖାର ବୁରନ୍ତ ସଦର ଥାନାକୁ ଖବର ଦେଇଥିଲେ। ଖବର ପାଇବା କ୍ଷଣି ଟାଉନ୍, ସଦର ଓ ଉସମା ଥାନାର ମିଳିତ ପୋଲିସ ଟିମ୍ ଘଟଣାସ୍ଥଳକୁ ଚାରିପଟୁ ଘେରାବନ୍ଦୀ କରି ମାତ୍ର ୧ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରା କରିବା ପରେ ଯେଉଁ ସତ ସାମ୍ନାକୁ ଆସିଥିଲା, ତାହା ଶୁଣି ପୋଲିସ ମଧ୍ୟ ତାହୁଲ୍ ହୋଇଯାଇଥିଲା। ଧରାପଡ଼ିଥିବା ମୁଖ୍ୟ ଅଭିଯୁକ୍ତ ଜଣକ ହେଉଛି ଲେଫ୍ରିପଡ଼ା ଥାନା ଭୁର୍ସିତାଣ୍ଡା ଗ୍ରାମର ୨୧ ବର୍ଷୀୟ ଗୌରବ ମାଝୀ, ଯିଏକି ଭେଡ଼ାବାହାଲ ଜଲଜ୍ଜରେ ଯୁକ୍ତ ତିନି (+୩) ର ଛାତ୍ର! ପାଠ ପଢ଼ିବା ପାଇଁ ସେ ଜବାବାହାଲର ଏକ ଘରୋଇ ହଷ୍ଟେଲରେ ରହୁଥିଲା। ସୂତ୍ରନା ଅନୁଯାୟୀ, ଗୌରବ ତା'ର ଜଣେ ସାଙ୍ଗଠାରୁ ଗୋଟିଏ ବ୍ୟାମେରା ଆଣି ଅନ୍ୟ ଜଣକୁ ଉଡ଼ାରେ ଦେଇଥିଲା। କିନ୍ତୁ ସେହି ବ୍ୟକ୍ତି ଜଣକ ବ୍ୟାମେରା ନ ଫେରାର ଫେରାର ହୋଇଯିବାରୁ ବ୍ୟାମେରା ବାବଦ ୫୦ ହଜାର ଟଙ୍କା ଶୁଝିବା ତା' ପାଇଁ କଠିକର ପାଠ ହୋଇପଡ଼ିଥିଲା। ଏହି ୫୦ ହଜାର ଟଙ୍କା ଉଜାଣ କରିବା ପାଇଁ ଗୌରବ ସିଧା ବ୍ୟାଙ୍କ ଲୁଟ୍ କରିବାକୁ ବାଛିନେଇଥିଲା। ସମ୍ବଲପୁର ରେଞ୍ଜାଲିର ବୁଲ ବନ୍ଧୁ ଆକାଶ କିସାନ ଓ ରବି କିସାନଙ୍କ ସହ ମିଶି ସେ ଏକ ଦେଶୀ ପିସ୍ତଲ ଯୋଗାଡ଼ କରିଥିଲା। ଉକ୍ତ ପିସ୍ତଲ ମୁନରେ ଗତ ସେପ୍ଟେମ୍ବର ୭ ତାରିଖରେ ସେ ମୁହଁରେ ମାସ୍କ ବାନ୍ଧି ଏହି ଜବାବାହାଲ ଶାଖାରୁ ୨ ଲକ୍ଷ ୮୨ ହଜାର ୫୭୦ ଟଙ୍କା ଲୁଟି ନେଇଥିଲା। ଲୁଟ୍ ଟଙ୍କାର କିଛି ଅଂଶ ସେ ସହଯୋଗ କରିଥିବା ବନ୍ଧୁମାନଙ୍କୁ ମଧ୍ୟ ବାଣ୍ଟିଥିଲା। ଏହି ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଗୌରବ ସହ ତା'ର ଦୁଇ ସହଯୋଗୀ ଆକାଶ ଓ ରବିଙ୍କୁ ଗିରଫ କରିବା ସହ ଜଣେ ନାବାଳକକୁ ଅଟକ ରଖିଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ମୁହଁ ଢଙ୍କା ମାସ୍କ ଏବଂ ପୋଷାକ ଜବତ କରାଯାଇଛି।

ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ ପାଳିତ



ସୁନ୍ଦରଗଡ଼,୪/୧୧(ନି/ପ): ସ୍ଥାନୀୟ ସଦ୍ଭାବନା ଭବନଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁରଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହୁରା, ସହକାରୀ କୃଷି ଅଧିକାରୀ ଶ୍ରୀଯୁକ୍ତ ନୀଳକଣ୍ଠ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ନନ୍ଦିନୀ ମୁଣ୍ଡାରୀ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ରଶ୍ମୁରାଣୀ ଦାସ ଉପସ୍ଥିତ ରହିଥିଲେ। ଏଥିସହ ଜିଲ୍ଲାର ସମସ୍ତ ସ୍ପୁସ୍ତ ଜୀବନଶୈଳୀ ସମ୍ପର୍କରେ ଜନସଚେତନତା ସୃଷ୍ଟି ନିମନ୍ତେ ପଦଯାତ୍ରା, ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ଆଲୋଚନାଚକ୍ର, ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ଆଦି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବକ୍ତୃତା, ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ଆଦିରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମା'ଓ ଶିଶୁଙ୍କ ପୁଷ୍ଟିସ୍ଥିତିରେ ଉନ୍ନତି, ରକ୍ତହୀନତା ନିରାକରଣ, ସ୍ତନ୍ୟପାନର ଗୁରୁତ୍ୱ, ସନ୍ତୁଳିତ ଆହାର ଏବଂ ସ୍ଥାନୀୟ ଉପଲବ୍ଧ ପୁଷ୍ଟିକର ଖାଦ୍ୟ ଓ ମିଲେଟ୍‌ର ବ୍ୟବହାର ଉପରେ ଆଲୋକପାତ କରାଯାଇଥିଲା। ଏହି ଅଭିଯାନ ମାଧ୍ୟମରେ ଗର୍ଭବତୀ ମହିଳା, ପ୍ରସୂତି ମାତା, ଶିଶୁ ଓ କିଶୋରୀ ବାଳିକାମାନଙ୍କ ପୁଷ୍ଟିସ୍ଥିତିରେ ଉନ୍ନତି ଆଣିବା ସହ ପୁଷ୍ଟିହୀନତା ଦୂରୀକରଣ ଏବଂ ପୁଷ୍ଟି ସମ୍ବନ୍ଧୀୟ ସଚେତନତାକୁ ଜନଆନ୍ଦୋଳନରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀମତୀ ସୁଶୀଲା ରଥ, ସବର କାର୍ଯ୍ୟକ୍ରମ ଅଧିକାରୀ ସଂଯୋଜନା କରିଥିବାବେଳେ ଶେଷରେ ଶ୍ରୀମତୀ ଜବିତା ବାଖ, ପାନପୋଷ କାର୍ଯ୍ୟକ୍ରମ ଅଧିକାରୀ ଉପସ୍ଥିତ ସମସ୍ତ ଅତିଥି ଓ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ଚିତାକର୍ଷକ ଦ୍ୱିତୀୟ ସନ୍ଧ୍ୟା

ମନ ମୋହିଲା ଶାସ୍ତ୍ରୀୟ କୁଚିପୁଡି ନୃତ୍ୟ, ମୟୂରଭଞ୍ଜ ଛଉ ଏବଂ ଦାଓ ଥେ ଲେନାଇଁ ଲୋକନୃତ୍ୟ





ରାଉରକେଲା,୪/୧୧(ନି/ପ):ଭଞ୍ଜଭବନ ମୁକ୍ତାକାଶ ମଚ୍ଚାରେ ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଚିତାକର୍ଷକ ଶାସ୍ତ୍ରୀୟ ଓ ଲୋକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଛି। ପଶ୍ଚିମାଞ୍ଚଳ ପୁଲିସ ଡ଼ିଆଇଜି ଶ୍ରୀ ତ୍ରିଲୋଚନ କୁମାର ରାୟ, ଆଇପିଏସ ସନ୍ଧ୍ୟାର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍ସବର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ରଘୁନାଥପଲ୍ଲୀ ପୂର୍ବତନ ବିଧାୟକ ଶ୍ରୀ ସୁବ୍ରତ ଚରାଣ ସମ୍ମାନିତ ଅତିଥି ଥିଲେ। ଉତ୍ସବରେ ଭଞ୍ଜ କଳା କେନ୍ଦ୍ରର ସଭାପତି ତଥା ଆରଏସପି ରକ୍ଷାଣାବେକ୍ଷଣ ବିଭାଗର ସିନିୟମ ଜନ ଚାର୍ଜ ଶ୍ରୀ ଶୁଭ ଶଙ୍କର ରାୟଚୌଧୁରୀ, ଜଗ୍ରାଂକ୍ଷ ସେଲ ବିଭାଗର ସିନିୟମ ତଥା ଭଞ୍ଜ କଳା କେନ୍ଦ୍ରର ଉପ ସଭାପତି ଶ୍ରୀ ଆଲୋକ କୁମାର ବେହେରା, ଭଞ୍ଜ ସାଂସ୍କୃତିକ ନ୍ୟାସର ସମସ୍ତ ଟ୍ରଷ୍ଟି ତଥା ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ୫